୬ ▸ ଆଇପିଏଲ-୨୦୨୫ : ଅଧିନାୟକ ଅଫରକୁ ମନା କଲେ କେଏଲ୍ ରାହୁଲ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୪୬ ● ୧୩ ମାର୍ଚ୍ଚ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-46 ● 13th March 2025, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ନିର୍ମାଣ ବିଭାଗ ସମ୍ପର୍କିତ ୧୨୪୪୮. ୪୩ କୋଟି ଟଙ୍କାର ଖର୍ଚ୍ଚଦାବି ପାରିତ

# ଚଳିତ ବର୍ଷ ଓଡ଼ିଶାରେ ହେବ ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଭୁବନେଶ୍ୱର, ୧୨।୩

ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ଓଡ଼ିଶାରେ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅନୁଷ୍ଠିତ ହେବ। ଏହା ଓଡ଼ିଶାରେ ସଡ଼କ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ପ୍ରକାଶ କରିଛନ୍ତି। ସେହିପରି ଜାତୀୟ ରାଜପଥ ଢାଞ୍ଚାରେ ରାଜ୍ୟରେ ଷ୍ଟେଟ୍ ହାଇୱେ ଅଥରିଟି ବା ରାଜ୍ୟ ରାଜପଥ ପ୍ରାଧିକରଣ ଗଠନ କରାଯିବ। ଆଗାମୀ ବିଧାନସଭାରେ ଏନେଇ ବିଲ୍ ଆଗତ ହେବ ବୋଲି ସେ ସୂଚନା ଦେଇଛନ୍ତି।



ବୁଧବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ନିର୍ମାଣ ବିଭାଗର ସମୁଦାୟ ୧୨୪୪୮ କୋଟି ୪୩ ଲକ୍ଷ ୩୨ ହଜାର ଟଙ୍କାର ଖର୍ଚ୍ଚ ଦାବି ବିଭାଗୀୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଗତ କରିଥିଲେ। ଦୀର୍ଘ ସମୟ ଧରି ଗୃହରେ ଖର୍ଚ୍ଚ ଦାବି ଉପରେ ବିଧାୟକମାନେ ଆଲୋଚନା କରିଥିଲେ। ତେବେ କେବଳ ବିଜେଡ଼ି ଏବଂ ଶାସକ ଦଳର ବିଧାୟକମାନେ ଏହି ଆଲୋଚନାରେ ଭାଗ ନେଇଥିବା ବେଳେ କଂଗ୍ରେସ ବିଧାୟକମାନେ ଗୃହରେ ଉପସ୍ଥିତ ନଥିଲେ।

ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ ଯେ, ନିର୍ମାଣ ବିଭାଗ ୫ବର୍ଷରେ ୧୫ ହଜାର କିଲୋମିଟର ଉନ୍ନତମାନର ରାସ୍ତା ନିର୍ମାଣ କରିବାର ଯୋଜନା କରିଛି। ବିଭାଗୀୟ ବଜେଟ୍‌ରେ ପ୍ରସ୍ତାବିତ ନୂତନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ ଯେ, ଭୁବନେଶ୍ୱର ସହର ମୁଖ୍ୟ ରାସ୍ତାରେ ଭିଡ ହ୍ରାସ ପାଇଁ ଯୋଜନା ପ୍ରସ୍ତାବ କରାଯାଇଛି। ଜୟଦେବ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଇଲେଭେଟେଡ୍ କରିଡର ନିର୍ମାଣ, ବାରଙ୍ଗଠାରୁ ପଟିଆ ଷ୍ଟେସନ ଛକ, ଏନ୍‌ଏଚ୍-୧୬ ଓ ସୁଆଙ୍ଗ ମଉଜା ଦେଇ ଜଟଣୀକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତା (ଦୟା ୱେଷ୍ଟ କେନାଲ ରୋଡ)ର ଉନ୍ନତିକରଣ, କଳ୍ପନା ଛକ ଓ ମ୍ୟୁଜିୟମ ଛକଠାରେ ଫ୍ଲାଏ ଓଭର ନିର୍ମାଣ, ଶିଶୁ ଭବନଠାରୁ ମ୍ୟୁଜିୟମ ରାସ୍ତାରେ ଆରଓବି ନିର୍ମାଣ, (ପୃଷ୍ଠା ୭ରେ)

# ମରିସସରେ ନୂଆ ସଂସଦ ଭବନ କରିବ ଭାରତ

ନୂଆଦିଲ୍ଲୀ, ୧୨।୩

ବର୍ତ୍ତମାନ ମରିସସ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେଠାରେ ସେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି ଯେ, ଭାରତ ମରିସସରେ ଏକ ନୂତନ ସଂସଦ ନିର୍ମାଣରେ ସହଯୋଗ କରିବ। ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ଏବଂ ମୁଁ ଭାରତ-ମରିସସ ସହଭାଗୀତାକୁ ଉନ୍ନତ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛୁ । ଆମେ ନିଷ୍ପତ୍ତି ନେଇଛୁ ଯେ ଭାରତ ମରିସସରେ ନୂଆ ସଂସଦ ଭବନ ନିର୍ମାଣରେ ସହଯୋଗ କରିବ । ଏହା ମରିସସକୁ ଗଣତନ୍ତ୍ରର ଜନନୀ ଠାରୁ ଏକ ବଡ଼ ଉପହାର।



ଶ୍ରୀ ମୋଦି କହିଛନ୍ତି, ଭାରତ ଏବଂ ମରିସସ କେବଳ ଭାରତ ମହାସାଗର ଦ୍ୱାରା ନୁହେଁ ବରଂ ପରମ୍ପରା ଏବଂ ସଂସ୍କୃତି ଦ୍ୱାରା ମଧ୍ୟ ଯୋଡ଼ି ହୋଇଛନ୍ତି । ଆମେ ଆର୍ଥିକ ଏବଂ ସାମାଜିକ ବିକାଶର ଯାତ୍ରାରେ ଅଂଶୀଦାର। ଆମେ ସର୍ବଦା (ପୃଷ୍ଠା ୭ରେ)

# ଆକାଶରେ ବାହୁବଳୀ ହେବ ଭାରତ, ପ୍ରତିରକ୍ଷା ମନ୍ତ୍ରଣାଳୟର ବଡ଼ ଯୋଜନା

ନୂଆଦିଲ୍ଲୀ, ୧୨।୩

ଭାରତୀୟ ବାୟୁସେନା ଆଗାମୀ ୫ ରୁ ୧୦ବର୍ଷ ମଧ୍ୟରେ ଏହାର ବିମାନ ବାହିନୀରେ ୧୧୪ଟି ଯୁଦ୍ଧ ବିମାନ ଯୋଡିବ। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ କମିଟି ଏହି ଯୋଜନାରେ ସମ୍ମତି ପ୍ରଦାନ କରିଛି । ଆଗାମୀ ବର୍ଷଗୁଡ଼ିକରେ ଏହି ଯୁଦ୍ଧ ବିମାନଗୁଡ଼ିକ ଅବସର ନେଉଥିବା ଯୁଦ୍ଧ ବିମାନଗୁଡ଼ିକୁ ବଦଳାଇବ।



ସୂଚନା ଅନୁସାରେ, ଆଗାମୀ ଚାରିରୁ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ବାୟୁସେନା ବିଶ୍ୱସ୍ତରୀୟ ଟେଣ୍ଡର ମାଧ୍ୟମରେ ଯୁଦ୍ଧ ବିମାନ ସାମିଲ କରିବ। ୧୧୪ଟି ଯୁଦ୍ଧ ବିମାନ ସାମିଲ ହେବା ଦ୍ୱାରା ବାୟୁସେନା ଆଗାମୀ ୧୦ ବର୍ଷ ପାଇଁ ଏହାର ସ୍କ୍ୱାର୍ଡନ ଶକ୍ତି ବଜାୟ ରଖିବ । ପ୍ରକୃତରେ ୨୦୩୭ ସୁଦ୍ଧା ୧୦ଟି ସ୍କ୍ୱାର୍ଡନ (ପୃଷ୍ଠା ୭ରେ)

## ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ଟପିଲା

ଭୁବନେଶ୍ୱର, ୧୨।୩

ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଡ଼ିଶାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି। ବୌଦ୍ଧ ୪୦.୫ ଡିଗ୍ରୀ ସେଲସିୟସରେ ଫୁଟିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି।

ଆଇଏମଡିର ତଥ୍ୟ ଅନୁଯାୟୀ ବୁଧବାର ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା (୪୦.୫ ଡିଗ୍ରୀ ସେଲସିୟସ) ରେକର୍ଡ କରାଯାଇଥିବା ବେଳେ, ବଲାଙ୍ଗିରରେ ବୁଧବାର ଦ୍ୱିତୀୟ ସର୍ବାଧିକ ତାପମାତ୍ରା ୩୯.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏହା ପରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ରେ ୩୯.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି । ସମ୍ବଲପୁରରେ ୩୯.୩ ଡିଗ୍ରୀ ସେଲସିୟସ (ପୃଷ୍ଠା ୭ରେ)

### ବିଜୁ ବାବୁ ବିଶ୍ୱର ନେତା

# ଆଜିର ବିଜେଡି ନେତା ବିଜୁ ବାବୁଙ୍କୁ ସମ୍ମାନ ଦେଉନାହାନ୍ତି

ଭୁବନେଶ୍ୱର, ୧୨।୩

ନ୍ୟୁଜ୍ ବ୍ୟୁରୋ

ବିଜୁ ବାବୁ ହେଉଛନ୍ତି କେବଳ ଓଡ଼ିଶାର ନୁହେଁ ଜାତୀୟ ନେତା ଓ ବିଶ୍ୱର ନେତା। ହେଲେ ବିଜୁ ବାବୁଙ୍କ ବିଷୟରେ ବିଜେଡ଼ି ନେତା ମାନେ ବୁଝି ନାହାନ୍ତି। ବିଜୁ ବାବୁଙ୍କୁ କେହି ଅସମ୍ମାନ କରୁନାହାନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜୁ ବାବୁଙ୍କୁ ନେଇ ଅନେକ ତଥ୍ୟ ବିଜେଡ଼ି ଲୁଚେଇ ରଖିଛି। ଗତ ନିର୍ବାଚନ ବେଳେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଲୁଚାଇ ରଖିଲେ। ରିମୋଟ କଣ୍ଟ୍ରୋଲରେ ପରିଚାଳିତ ହେଉଥିବାରୁ ନିଜ ଇତିହାସ ଭୁଲି ଯାଇଛି ବିଜେଡ଼ି। ବିଜେଡ଼ି ନିଜକୁ ବାଘ କହୁଛି, କିନ୍ତୁ ବାଘର ଚରିତ୍ର ତାଙ୍କ ପାଖରେ ନାହିଁ। ସ୍ୱର୍ଗତ ଦାମ ରାଉତ, ପ୍ରଦୀପ ମହାରଥୀଙ୍କର ବିଜୁ ବାବୁଙ୍କ ପ୍ରତି ଯେମିତି ସମ୍ମାନ ଥିଲା, ଆଜିର ବିଜୁ ଜନତା ଦଳ ନେତା ବିଜୁ ବାବୁଙ୍କୁ ସେତିକି ସମ୍ମାନ ଦେଉନାହାନ୍ତି । କିନ୍ତୁ ବିଜେପି ସରକାର ବିଜେଡ଼ି ଠାରୁ ଅଧିକ ବିଜୁ ବାବୁଙ୍କୁ ସମ୍ମାନ ଦେଉଛି । ବିଜୁ (ପୃଷ୍ଠା ୭ରେ)



# ସାମ୍ବାଦିକମାନେ ବିଧାନସଭା ଗ୍ୟାଲେରୀକୁ ଫୋନ ନେବା କଟକଣା ନିଷ୍ପତ୍ତି ପ୍ରତ୍ୟାହୃତ

ଭୁବନେଶ୍ୱର, ୧୨।୩

ନ୍ୟୁଜ୍ ବ୍ୟୁରୋ

ବିଧାନସଭାରେ ସାମ୍ବାଦିକଙ୍କୁ ମୋବାଇଲ ବାରଣ ନେଇ ବାଚସ୍ପତି ଲଗାଇଥିବା କଟକଣାକୁ ପ୍ରତ୍ୟାହାର କରିନିଆଯାଇଛି। ବିଧାନସଭା ପ୍ରେସ ଗ୍ୟାଲେରୀ ଭିତରକୁ ସାମ୍ବାଦିକ ମୋବାଇଲ ଫୋନ ନେଇ ପାରିବେନି ବୋଲି ବୁଧବାର ବାଚସ୍ପତି ସୁରମା ପାଢ଼ୀ ଆଦେଶ ଜାରି କରିଥିଲେ। ବାଚସ୍ପତିଙ୍କ ଏଭଳି ଆଦେଶର ପ୍ରତିବାଦରେ ସାମ୍ବାଦିକମାନେ ବିଧାନସଭା ପରିସରସ୍ଥ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ପରବର୍ତ୍ତୀ ସମୟରେ ବାଚସ୍ପତିଙ୍କ ଆଦେଶକୁ ପ୍ରତ୍ୟାହାର କରାଯାଇଛି । ତେବେ ଏହା ପୂର୍ବରୁ ସାମ୍ବାଦିକମାନଙ୍କର ଏକ ପ୍ରତିନିଧି ଦଳ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ଆଲୋଚନା ପରେ ଆଦେଶ ପ୍ରତ୍ୟାହାର କରାଯାଇଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଏହାପରେ ସମ୍ବାଦିକମାନେ ଧାରଣାରୁ ଓହରିଛନ୍ତି । ମାତ୍ର ମିଡିଆ ଗ୍ୟାଲେରୀରେ ଫଟୋଗ୍ରାଫି ଓ ଭିଡିଓ (ପୃଷ୍ଠା ୭ରେ)



## ଏକାଳ ପଖାଳ



ଆଗରୁ ଥିଲା ଏବେ ବି ଚାଲିଛି
ଖଣି ଖାଦାନରେ ଲୁଟ୍
ପ୍ରଶ୍ନ ପଚାରିଲେ ପାଟିରେ ତୁଣ୍ଡି
ଚୁପ୍‌ଚାପ୍ ଧଳା ସୁଟ୍
କଥାର ସାରାଂସ ମୋଟ୍
ସବୁ ଦେଖି ଶୁଣି ଚୁପ୍ ରହିବା
କହିଦେବା ମାଇଁ ଫୁଟ୍।

# ମଦ ପିଇ ହୋଲି ଖେଳିଲେ ଗିରଫ



ଭୁବନେଶ୍ୱର, ୧୨।୩

ନ୍ୟୁଜ୍ ବ୍ୟୁରୋ

ହୋଲି ପର୍ବକୁ ଶୃଙ୍ଖଳିତ କରିବା ପାଇଁ ଗାଇଡଲାଇନ୍ ଜାରି କରିଛି କମିଶନରେଟ୍ ପୋଲିସ। ମଦ ପିଇ ହୋଲି ଖେଳିଲେ ଗିରଫ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା। ସେ କହିଛନ୍ତି ହୋଲି ପରେ ମଦ୍ୟପାନ କରି କୌଣସି ନଦୀ ଓ ପୋଖରୀରେ ଗାଧୋଇବା ଉପରେ କଟକଣା ଜାରି କରାଯାଇଛି। ହୋଲି ଦିନ ସହରରେ ୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ସମସ୍ତ ଗାଧୁଆ ଘାଟରେ ପୋଲିସ ସହ ଅଗ୍ନିଶମ କର୍ମଚାରୀ ରହିବେ। ରାସ୍ତା ଉପରେ ହୋଲି ଖେଳି ଗହଳି କଲେ ପିସିଆର ଭ୍ୟାନ୍ ଉଠାଇ ନେବ। ଯିଏ ରାସ୍ତାରେ ପାଟି ତୁଣ୍ଡ କରିବେ, ଗଣ୍ଡଗୋଳ କରିବେ,ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ ପୋଲିସ । କେବଳ ହର୍ବାଲ୍ ରଙ୍ଗକୁ ଅନୁମତି ଦିଆଯିବ। କେମିକାଲ୍ ରଙ୍ଗ ଉପରେ କଟକଣା ରହିବ।

ଏହା ସହିତ ହୋଲିରେ ମଦ ପିଇ ଗାଡି ନ ଚଲାଇବାକୁ ଡିସିପି ପରାମର୍ଶ ଦେଇଛନ୍ତି। ହୋଲି ଦିନ ଚେକିଂ ବ୍ଲକିଂ ମଧ୍ୟ କରାଯିବ। ସବୁ ଥାନା ଅଧିକାରୀମାନେ ରାସ୍ତାରେ ଜଗିବେ। ହୋଲି ପୂର୍ବରୁ ରାଜଧାନୀର ସମସ୍ତ ହୋଟେଲ, ଲଜରେ ଯାଞ୍ଚ କରାଯିବ ।

ମଦ ବିକ୍ରି ଏବଂ କେମିକାଲ ରଙ୍ଗ ବିକ୍ରି ଉପରେ ପୋଲିସର ନଜର ରହିବ। ଶାନ୍ତି ଶୃଙ୍ଖଳା ରଖିବା ସହ ହୋଲି ସେଲିବ୍ରେସନ କରିବାକୁ ଅନୁରୋଧ କରିଛନ୍ତି ଭୁବନେଶ୍ୱର ଡିସିପି ।

# ୨୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୨।୩

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ନୟାଗଡ଼ର କଣ୍ଟିଲୋ ନୀଳମାଧବଙ୍କ ପୀଠ ଦର୍ଶନ କରିବା ନେଇ ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା ବ୍ୟବସ୍ଥା, ଅସ୍ଥାୟୀ ହେଲିପ୍ୟାଡ ଓ ଅନ୍ୟାନ୍ୟ ବ୍ୟବସ୍ଥା ପରିଚାଳନା ନେଇ ନୟାଗଡ଼ ଜିଲ୍ଲାପାଳ ଓ ଏସ୍ପି ସ୍ଥିତି ସମୀକ୍ଷା କରିଛନ୍ତି।

ସୂଚନା ମୁତାବକ, ରାଷ୍ଟ୍ରପତି ୨୪ ତାରିଖ ଦିନ ମଧ୍ୟାହ୍ନ ସାଢେ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସ୍ୱତନ୍ତ୍ର (ପୃଷ୍ଠା ୭ରେ)

ନିମନ୍ତ୍ରିତ ବିଶିଷ୍ଟ ଅତିଥି

ଶ୍ରୀଯୁକ୍ତ ମନ୍ମଥ କୁମାର ଶତପଥୀ – ବରେଣ୍ୟ ମୁଖ୍ୟ ଅତିଥି
ଡକ୍ଟର ସଂଘମିତ୍ରା ମିଶ୍ର – ବରେଣ୍ୟ ସଭାଧକ୍ଷା
ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଅଗ୍ରୱାଲ – ବରେଣ୍ୟ ସମ୍ମାନିତ ଅତିଥି
ଡା. କୃଷ୍ଣକେଶବ ଷଡଙ୍ଗୀ – ବରେଣ୍ୟ ମୁଖ୍ୟ ବକ୍ତା

ଚଳିତ ବର୍ଷର ସମ୍ମାନିତ ବ୍ୟକ୍ତିତ୍ୱ

କଥାକଳିକା ସମ୍ମାନ
ଡକ୍ଟର ଆଦିକନ୍ଦ ସାହୁ
ବିଶିଷ୍ଟ ଶିକ୍ଷାବିତ୍ ଓ ପ୍ରବୀଣ ସାହିତ୍ୟିକ, ସମାରୋହର ବରେଣ୍ୟ ଉଦ୍‌ଘାଟକ

କଥାକଳିକା ପୃଷ୍ଠପୋଷକ ସମ୍ମାନ
ସ୍ୱତନ୍ତ୍ର ସମ୍ବର୍ଦ୍ଧନା
ଶ୍ରୀଯୁକ୍ତ ପଙ୍କଜଲୋଚନ ମହାନ୍ତି
ବିଶିଷ୍ଟ ଶିଳ୍ପପତି, ଏମ୍ ଜି ଏମ୍ ଗ୍ରୁପ, ଓଡ଼ିଶା

ପୁରସ୍କୃତ ପ୍ରତିଭା

କର୍ମବୀର ଗୌରୀଶଙ୍କର ରାୟ ସ୍ମୃତି ପୁରସ୍କାର: ଲକ୍ଷ୍ମୀ ଚାନ୍ଦ୍
ସମାଜସେବୀ ରବୀନ୍ଦ୍ରନାଥ ରାୟ ସ୍ମୃତି ପୁରସ୍କାର (ଯୁଗ୍ମ) : ସ୍ନିଗ୍ଧା ନାୟକ ଓ ପଦ୍ମାଳୟା ପାଢୀ
ସୁଲେଖିକା ସୁପ୍ରଭାରାୟ ଅନୁବାଦ ପୁରସ୍କାର (ଯୁଗ୍ମ): ରେବା ଦାସ ପଟ୍ଟନାୟକ ଓ ମନୋଜ ବେହେରା
ପିସ-ଫ୍ଲୁଟ୍ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର (ଯୁଗ୍ମ): ସୋମା ଚାନ୍ଦ ଓ ଅଶୋକ ବିଶ୍ୱାଳ

କଥାକଳିକା ଗଳ୍ପ ପ୍ରୋତ୍ସାହନ ପୁରସ୍କାର

ବିନୋଦିନୀ ଗନ୍ତାୟତ
ମୋନିକା ସରକାର
ନମିତା ଦାଶ
ସୀମାଞ୍ଚଳ ଦାଶ
ଅମ୍ବିକା ସ୍ୱାଇଁ
କବିତା ମିଶ୍ର

ଆମର ପ୍ରିୟ ପୃଷ୍ଠପୋଷକ:
MGM MINERALS LTD.
एनटीपीसी NTPC
OMC
Paradeep Phosphates

'କଥାକଳିକା' ସହଯୋଗୀ ସମ୍ମାନ: ଜ୍ୟୋତି ପ୍ରକାଶ ପତି (ଅଳଂକରଣ)

# ୧୦ ମାସ ପରେ ମହାକାଶରୁ ଫେରିବେ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲମୋର



ନୂଆଦିଲ୍ଲୀ, ୧୨।୩

ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପ୍ରାୟ ୧୦ ମାସ ରହିବା ପରେ ନାସାରେ ଫସି ରହିଥିବା ମହାକାଶଚାରୀ ସୁନୀତା ୱିଲିୟମ୍ସ ଖୁବ ଶୀଘ୍ର ସାଥୀ ମହାକାଶଚାରୀ ବୁଚ ୱିଲମୋରଙ୍କ ସହ ପୃଥିବୀକୁ ଫେରିବାକୁ ଯାଉଛନ୍ତି । ଅପ୍ରତ୍ୟାଶିତ ବୈଷୟିକ ସମସ୍ୟା କାରଣରୁ ସେମାନଙ୍କର ୧୦ ଦିନିଆ ମିଶନକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ନାସାର ଏହି ଉଦ୍ଧାର ଅଭିଯାନକୁ ସରକାରୀ ଅନୁମୋଦନ ମିଳିଛି ଏବଂ ସ୍ପେସ ଏକ୍ସର ଡ୍ରାଗନ ମହାକାଶଯାନ ମହାକାଶଚାରୀମାନଙ୍କୁ ପୃଥିବୀକୁ ଫେରାଇ ଆଣିବ ବୋଲି ଜଣାପଡିଛି।

ଗତ ୮ ତାରିଖରେ କ୍ରୁ-୯ର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ନାସା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଘୋଷଣା କରିଥିଲା, ଯେଉଁଥିରେ ମହାକାଶଚାରୀ ୱିଲିୟମ୍ସ, ୱିଲମୋର, ନିକ ହେଗ ଏବଂ ଆଲେକ୍ସାଣ୍ଡର ଗୋରବୁନୋଭ ସଦସ୍ୟ ଅଛନ୍ତି। ଆଇଏସଏସରେ କ୍ରୁ-୧୦ର ଆଗମନ ପର୍ଯ୍ୟନ୍ତ ସେମାନେ ପୃଥିବୀକୁ ଫେରିବେ ନାହିଁ କ୍ରୁ-୧୦ ମାର୍ଚ୍ଚ ୧୨ ତାରିଖ ଭାରତୀୟ ସମୟ ସଂଧ୍ୟା ୫ଟା ୧୮ ମିନିଟରେ ଉଡ଼ାଣ ଭରିବ ଏବଂ କ୍ରୁ-୯ ମାର୍ଚ୍ଚ ୧୬ରେ ଉଡ଼ାଣ କରିବ।

ନାସାର ଜଣେ ମୁଖପାତ୍ର କହିଛନ୍ତି, ମାର୍ଚ୍ଚ ୧୨ରେ କ୍ରୁ-୧୦ର (ପୃଷ୍ଠା ୭ରେ)





# ଚକ୍ଷୁ ଦାନ କରି ଅମର ହେଲେ ବିଶିଷ୍ଟ ଖଡ଼ିରତ୍ନ ସନାତନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝାରେଡ଼ି ରାଧାଗୋବିନ୍ଦପୁର ପଞ୍ଚାୟତ ଆର.ବିଞ୍ଚଣାପଲ୍ଲୀ ଗ୍ରାମରେ ପ୍ରସିଦ୍ଧ ଖଡ଼ିରତ୍ନ ପାଞ୍ଜିକାର ସନାତନ ବେହେରାଙ୍କ ଦୃଘଟଣାରେ ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ପରେ ସନାତନଙ୍କ ପରିବାର ଲୋକେ ତାଙ୍କ ଶେଷ ଇଚ୍ଛାକୁ ପୂରଣ କରିବାକୁ ଯାଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚକ୍ଷୁଦାନ କରି ଜଣଙ୍କ ଜୀବନ ଆଲୋକିତ କରିବା ସହ ଆଜି ସେ ମୃତ୍ୟୁ ହୋଇ ମଧ୍ୟ ଅମର ରହିଛନ୍ତି । ଗତ ଶୁକ୍ରବାର ସନ୍ଧ୍ୟା ୬.୩୦ମିନିଟ ସମୟରେ ବିବାହ ଉତ୍ସବର ମହଲ ଚାଲିଥିଲା । ହଠାତ ରାସ୍ତା ଉପରେ ସନାତନ ବେହେରାଙ୍କ ଗୋଡ଼ ଖସିଯାଇ ମୁଣ୍ଡର ପଛପଟୁ ଶକ୍ତ ଆଘାତ ହେବା ଫଳରେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ହେଲେ ସନାତନଙ୍କୁ ଅତ୍ୟଧିକ ଗୁରୁତର ଅବସ୍ଥା ଦେଖି ବ୍ରହ୍ମପୁର ଏମକେସିଜି ଡାକ୍ତରଙ୍କ ପରାମର୍ଶକ୍ରମେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପରିବାର ଲୋକଙ୍କ ସହାୟତା ଯୋଗେ ଆମ୍ବୁଲାନ୍ସରେ ନିଆଯାଇଥିଲା । ଏମ୍ସ ହସ୍ପିଟାଲରେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଏମ୍ସ ହସ୍ପିଟାଲର କର୍ତ୍ତୃପକ୍ଷଙ୍କ ସହାୟତାରେ ମୃତ ସନାତନଙ୍କ ଚକ୍ଷୁଦାନ କରିଥିଲେ ପରିବାର ଲୋକେ । ମୃତ ଶରୀରର ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତ ଶରୀରକୁ ନିଜ ଗ୍ରାମ ବାସଭବନକୁ ଅଣାଯାଇଥିଲା । ତାଙ୍କର ଧର୍ମପତ୍ନୀ ରୀନା ବେହେରା, ଚାରି ଝିଅ ଜ୍ୱାଇଁ,ଏକମାତ୍ର ପୁତ୍ର ତାପସ ବେହେରାଙ୍କ ସମେତ ପରିବାର ବର୍ଗଙ୍କ ଉପସ୍ଥିତିରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଅଞ୍ଚଳର ବରିଷ୍ଠ ବୁଦ୍ଧିଜୀବୀ ଓ ଛପନ ଖଣ୍ଡ ତାଲୁକା ମତ୍ସ୍ୟଜୀବୀ ଗ୍ରାମ ସେବକ କର୍ମଚାରୀ ସଂଘର ସଭାପତି ହରେକୃଷ୍ଣ ମଲ୍ଲିକ, ଶିକ୍ଷକ ଶେଷଦ୍ୱେ ବେହେରା ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ଶ୍ରୀ ବେହେରାଙ୍କ ମୃତ ଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଏକମାତ୍ର ପୁତ୍ର ତାପସ ବେହେରା ମୁଖାଗ୍ନି ଦେବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସନାତନ ବେହେରା ଜଣେ ପ୍ରତିଷ୍ଠିତ ଖଡ଼ିରତ୍ନ, ପାଞ୍ଜିକାର, ବାସ୍ତୁଶାସ୍ତ୍ରୀ, ସାହିତ୍ୟିକ, ପୁରାଣଶାସ୍ତ୍ର ପ୍ରେମୀ, ଜ୍ଞାନୀଗୁଣୀ, ଲୋକପ୍ରିୟ ମଣିଷ, ମେଳାପୀ, ଭଦ୍ର, ମିଷ୍ଟଭାଷି, ଅଙ୍ଗଦାନକୁ ପ୍ରୋତ୍ସାହନ ଦେଉଥିବା ଜଣେ ସାମାଜିକ କର୍ମୀ । ତାଙ୍କର ଅକାଳ ବିୟୋଗରେ ଅଞ୍ଚଳବାସୀଙ୍କ ମର୍ମାହତ କରିବା ସହ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ନାଟ୍ୟକାର ଜଗନ୍ନାଥ ବେହେରା, ବିଶିଷ୍ଟ ସାହିତ୍ୟିକ ନାରାୟଣ ପଣ୍ଡା, ଦେବି ପ୍ରସାଦ ତ୍ରିପାଠୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ବିଶ୍ୱନାଥ ରେଡ୍ଡୀ, ସାହିତ୍ୟିକ ସୁରେନ୍ଦ୍ର ବେହେରା, ଆଇନଜୀବୀ ରାମ୍ ପ୍ରସାଦ ପାତ୍ର, ଡଃ ବିଜୟ ମିଶ୍ର, ତହସିଲଦାର ବିନୋଦ କୁମାର ବେହେରା, ଶିକ୍ଷାବିତ ରାମ୍ ମିଶ୍ର, କମଳା ପ୍ରକାଶିନୀର ପ୍ରତିଷ୍ଠାତା ଡଃ ନୃସିଂହାନନ୍ଦ ମହାପାତ୍ର, ସମାଜସେବୀ ତଥା ଲେଖିକା ମୀନା କୁମାରୀ ଟହଲ, ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ସମେତ ଛତ୍ରପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଅଞ୍ଚଳ ଅନେକ ଯୁବନେତା ଦୁଃଖ ପ୍ରକାଶ କରିବା ସହିତ ସମାଜର ଏକ ଅପୂରଣୀୟ କ୍ଷତିର ଅମର ଗାଥା ମନେପକାଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ୪ ବର୍ଷର ଝିଅକୁ ବଞ୍ଚାଇବା ଲାଗି କିଡ୍‌ନୀ ଦେବାକୁ ପ୍ରସ୍ତୁତ ମା' : ୩୦ ଲକ୍ଷ ଟଙ୍କା ସାଜିଛି ବାଧକ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**



ଆମ ଦେଶରେ କନ୍ୟା ଭ୍ରୁଣ ହତ୍ୟାକୁ ରୋକିବା ପାଇଁ ନାନା ପଦକ୍ଷେପ ସରକାର ନେଇଛନ୍ତ । କନ୍ୟା ସନ୍ତାନକୁ ବୋଝ ଭାବି ଦୁନିଆ ଦେଖିବା ପୂର୍ବରୁ ହତ୍ୟା କରାଯାଉଥିବା ଭଳି ଅନେକ ଘଟଣା ନଜିର ରହିଛି । କିନ୍ତୁ ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମପଞ୍ଚାୟତର ଲକ୍ଷ୍ମଣନଗର ଅଞ୍ଚଳର ଜଣେ ମା' ନିଜ ୪ ବର୍ଷର କନ୍ୟା ସନ୍ତାନକୁ ବଞ୍ଚାଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ସାଙ୍ଗକୁ ନିଜ କିଡ୍‌ନୀ ଦେବାକୁ ମନସ୍ଥ କରିଛନ୍ତି । ହେଲେ କିଡ୍‌ନୀ ପ୍ରତିରୋପଣ ପାଇଁ ୩୦ ଲକ୍ଷ ଟଙ୍କା ବାଧକ ସାଜିଛି । ଚମାଖଣ୍ଡି ଛକର ଲକ୍ଷ୍ମଣନଗର ଏନ.କ୍ରିଷ୍ଣା ରେଡ୍ଡୀ ଓ ଉର୍ମିଳା ରେଡ୍ଡୀ ଦମ୍ପତି ବାସ କରନ୍ତି । ସେମାନଙ୍କର ଜଣେ ୧୨ ବର୍ଷର ପୁତ୍ର ସନ୍ତାନ ଓ ଜଣେ ୪ ବର୍ଷର କନ୍ୟା ସନ୍ତାନ ଅନୁଷ୍କା ରେଡ୍ଡୀ ରହିଛନ୍ତ । କ୍ରିଷ୍ଣା ରେଡ୍ଡୀ ଡ୍ରାଇଭର କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ । ହେଲେ ଏବେ ପରିବାର ଉପରେ କଳା ବାଦଲ ଢାଙ୍କି ହୋଇଯାଇଛି । କାରଣ ନିଜ ୪ ବର୍ଷର ଝିଅ ଅନୁଷ୍କାକୁ ୯ ମାସରୁ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ଶ୍ରିକାକୁଲମ୍ ହସ୍ପିଟାଲ୍‌ରେ ଚିକିତ୍ସା କରି ସର୍ବସ୍ୱାନ୍ତ ହୋଇଯାଇ ଥିଲେ ସୁଦ୍ଧା ରୋଗ ଚିହ୍ନଟ ହୋଇପାରି ନ ଥିଲା । କିନ୍ତୁ ୨୦୨୫ ଜାନୁଆରୀ ମାସ ଶେଷରେ କଟକ ଶିଶୁ ଭବନରେ ଦୁଇଟି କିଡ୍‌ନୀ ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ଚିହ୍ନଟ ହୋଇଥିଲା । ତୁରନ୍ତ କିଡ୍‌ନୀ ପ୍ରତିରୋପଣ କରିବାକୁ ପଡ଼ିବ ନଚେତ ଛୁଆର ଜୀବନ ବିପଦ ରହିଛି । ଏଥି ନିମନ୍ତେ ଅନୁମାନିକ ୩୦ ଲକ୍ଷ ଖର୍ଚ୍ଚ ହେବ । ତାହା ମଧ୍ୟ ଓଡ଼ିଶାରେ ହେବନି, ସୁଦୂର ବାଙ୍ଗାଲୋର ରେ ଚିକିତ୍ସା ହେବ । ଏତିକି ଶୁଣିଲା ପରେ ଦମ୍ପତିଙ୍କ ପାଦ ତଳୁ ମାଟି ଖସିଯାଇଛି । କାରଣ ଜଣେ ଡ୍ରାଇଭର କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତି ପାଇଁ ୩୦ ଲକ୍ଷ ଟଙ୍କା ସଂଗ୍ରହ କରିବା ଅସମ୍ଭବ ହୋଇପଡ଼ିଛି । ତେଣୁ ଦମ୍ପତିଙ୍କ ମଧ୍ୟରୁ ଝିଅକୁ ମା' କିଡ୍ନୀ ଦେବାପାଇଁ ନିଷ୍ପତ୍ତି ହୋଇଯାଇଛି କିନ୍ତୁ ୩୦ ଲକ୍ଷ ଟଙ୍କା ସାଜିଛି ବାଧକ । ତେଣୁ ଝିଅର ଚିକିତ୍ସା ନିମନ୍ତେ ମା' ଉର୍ମିଳା ରେଡ୍ଡୀ ଅର୍ଥ ସାହାଯ୍ୟ ଭିକ୍ଷା କରିଛନ୍ତି । ଅନୁଷ୍କାଙ୍କ ଏଭଳି ଘଟଣା ଶୁଣିଲା ପରେ ଚମାଖଣ୍ଡି ଗ୍ରାମ-ପଞ୍ଚାୟତର ସରପଞ୍ଚ ମନୋଜ ରେଡ୍ଡୀ ସଙ୍କଟରେ ପଡ଼ିଥିବା ପରିବାର ନିକଟରେ ପହଞ୍ଚିବା ସହ ନିଜେ ଆର୍ଥିକ ସହାୟତା କରିବା ସହ ଅଞ୍ଚଳବାସୀ, ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କୁ ସାହାଯ୍ୟ ନିମନ୍ତେ ନିବେଦନ କରିଛନ୍ତି । ଅନୁଷ୍କାଙ୍କ ଚିକିତ୍ସା ନିମନ୍ତେ ନିଜ ପଞ୍ଚାୟତରେ ଘରକୁ ଘର ବୁଲି ବୁଲି ଅର୍ଥ ଯୋଗାଡ଼ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଅନୁଷ୍କାଙ୍କ ଚିକିତ୍ସା ନିମନ୍ତେ ନିଜ ଅଞ୍ଚଳର ଡମ୍ବୁରୁ ରେଡ୍ଡୀ ୫୦ ହଜାର, ଜନାର୍ଦ୍ଦନ ରେଡ୍ଡୀ ୫ ହଜାର, ମୋହନ ରେଡ୍ଡୀ ୩ ହଜାର ଟଙ୍କା ସହଯୋଗର ହାତ ବଢ଼ାଇଛନ୍ତି । ନିଜ ଝିଅକୁ ବଞ୍ଚାଇବାକୁ ନିଜ କିଡ୍‌ନୀ ଦାନ କରିବା ନିମନ୍ତେ ଅନେଇ ବସିଛି ମା' ଉର୍ମିଳା, ହେଲେ କେବେ ୩୦ ଲକ୍ଷ ଯୋଗାଡ଼ ହେବ, ସେଥିପାଇଁ ମା' ବ୍ୟଥିତ ଅଛନ୍ତି । ଏକ ମାସ ମଧ୍ୟରେ କଟକକୁ ଡାୟାଲିସିସ୍ କରିବା ନିମନ୍ତେ ୧୫ ଥର ସେ ନେଇ ସାରିଲେଣି ।

# ଅମୃତବିନ୍ଦୁ କାର୍ଯ୍ୟକ୍ରମ : ୭୦ୟୁନିଟ ରକ୍ତ ସଂଗ୍ରହ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥର୍ମାଲ ରୋଡ଼ସ୍ଥିତ ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଅମୃତବିନ୍ଦୁ କାର୍ଯ୍ୟକ୍ରମ ନାମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମିତି ଆବାହକ ରଞ୍ଜିତ ପ୍ରଧାନ ଓ କଟକ ଜିଲ୍ଲା ସେବା ସଂଯୋଜକ ମନୋଜ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ସେଣ୍ଟ୍ରାଲ ରେଡ଼କ୍ରସ୍ ଅଫିସର କନକଲତା ଦେଈ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଯାଦବ ମହାସଂଘର ସଭାପତି ପ୍ରଦୀପ ବେହେରା ଏଥିରେ ଅତିଥି ଭାବେ ଯୋଗଦେଇଥିଲେ । ଶିବିରରୁ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ସମିତି ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି, ରାକେଶ ନାୟକ, ସୁଧାଂଶୁ ଶେଖର ସାହୁ, ପ୍ରକାଶ କୁମାର ପଣ୍ଡା, ସାଇକୃଷ୍ଣ ଦୋରା, ପ୍ରକାଶ କୁମାର ଦାସ, ଶିଶିର ଜେନା, ନବୀନ ରାଓ, ଶୁକ ଦେଈ, ଶିବାନୀ ଦାସ, ଲୋକନାଥ ରାଉତ, ଶାଶ୍ୱତ ପଣ୍ଡାଙ୍କ ସମେତ ସମିତିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଭଗବାନ ଶ୍ରୀ ସତ୍ୟସାଇଙ୍କ ମଙ୍ଗଳ ଆଳତି କରାଯାଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା ।

# ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସୋମବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି ଯାଇଥିଲା । ପରେ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିଗୁଡ଼ିକ ମଧ୍ୟରେ ଆଶାକର୍ମୀଙ୍କୁ ନ୍ୟୁନତମ ୧୮ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ, ଇଏସଆଇରେ ଅନ୍ତର୍ଭୁକ୍ତ ସହ ସାମାଜିକ ସୁରକ୍ଷା ବାବଦରେ ପେନସନ ପ୍ରଦାନ, କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାରେ ଆଶାକର୍ମୀଙ୍କ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଜ୍ଞ ଆଶାକର୍ମୀଙ୍କୁ ଟିକାକାରଣ ପାଇଁ ପ୍ରଶିକ୍ଷଣ, ଯୋଗ୍ୟତା ଅନୁସାରେ ଆଶାକର୍ମୀଙ୍କୁ ଏନଏଏମ ଭାବେ ନିଯୁକ୍ତି, ବର୍ଷକ ମଧ୍ୟରେ ଆଶାକର୍ମୀଙ୍କୁ ୨ ଥର ୟୁନିଫର୍ମ ପ୍ରଦାନ, ଚିକିତ୍ସାଳୟରେ ବସିବା ପାଇଁ କକ୍ଷ ବ୍ୟବସ୍ଥା, ଯାତ୍ରା ଭତ୍ତା ଆଦି ଦାବି ରହିଛି । ଏହି କାର୍ଯ୍ୟକ୍ରମ ବେଳେ ଓଡ଼ିଶା ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ସଭାନେତ୍ରୀ ରେଣୁବାଳା ସାହୁ, ସମ୍ପାଦିକା ବବିତା ରାଉଳ, ଜିଲ୍ଲା ପ୍ରଭାରୀ କୁମୁଦିନି ପ୍ରଧାନ, ରାଜ୍ୟ ବିଏମଏସ କାର୍ଯ୍ୟକାରୀ କମିଟି ସଭ୍ୟ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ ।

# କେନ୍ଦ୍ରାପଡ଼ା ଯାଦବ ମହାସଭା ଦ୍ୱାରା ଦୋଳ ମେଳଣ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଯାଦବ ମହାସଭା ତରଫରୁ ଦୋଳ ରାଧାମାଧବ ଜୀଉ ଏବଂ ମା' କାଳୀ ଦେବୀ ମେଳଣ (ଗୋପାଳ ମାନଙ୍କର) ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ ଗୋପାଳ ଗ୍ରାମ କେଆରବଙ୍କ ଠାରେ ଅନୁଷ୍ଠିତ ଏହି ମେଳଣରେ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି, ମୁରବୀ, ଯୁବକ, ଯୁବତୀ ଓ ମହିଳା ପ୍ରଭୃତି ଅଂଶ ଗ୍ରହଣ କରି ମେଳଣ ଉପଭୋଗ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମମରେ ଫକୀର ପଲାଇ, ଲକ୍ଷ୍ମୀଧର ଦାସ, ଅକ୍ଷୟ କୁମାର ପଲାଇ, ପ୍ରଦୀପ କୁମାର ଦାସ, ଜୀବନ ଦାସ, ଭ୍ରମରବର ଦାସ, ସନାତନ ଦାସ ପ୍ରମୁଖ ମୁରବୀମାନେ ଦୀର୍ଘ ବର୍ଷ ଧରି ଏହି ମେଳଣ ଧୁମଧାମ୍‌ରେ ପାଳନ କରି ଆସୁଛନ୍ତି ।

# ହାତୀ ଆକ୍ରମଣରେ ଆହତଙ୍କୁ କ୍ଷତିପୂରଣ ଦାବି

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**

ଦେବଗଡ଼ ଜିଲ୍ଲା ରିଆମାଳ ରେଞ୍ଜ ଲେଇ ଗ୍ରାମରେ ହାତୀ ଆକ୍ରମଣରେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ୪୬ ବର୍ଷୀୟ ରମଣି ବେହେରା ରମଣି ଅତ୍ୟନ୍ତ ଗରିବ ହୋଇଥିବାବେଳେ ଘରର ଏକମାତ୍ର ରୋଜଗାରିଆ ଭାବରେ ବହୁ କଷ୍ଟରେ ଚାଷବାସ ମୂଲମଜୁରି କରି ପରିବାରର ପ୍ରତିପୋଷଣ କରିଆସୁଥିଲେ । ଆଜି ପର୍ଯ୍ୟନ୍ତ ଝାଟି ମାଟିର ଖପର ଘରେ କାଳତିପାତ କରୁଛନ୍ତି । ସେ ଜମିକୁ ଆଳୁ ଖୋଳିବାକୁ ଯାଇଥିବା ବେଳେ ତାଙ୍କୁ ଜଙ୍ଗଲୀ ହାତୀ ଆକ୍ରମଣ କରିଥିଲା । କୌଶଳକ୍ରମେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ମଧ୍ୟ ଗୁରୁତର ଆହତ ହୋଇଥିଲେ । ଏଣୁ ରମଣିଙ୍କୁ ତ୍ୱରିତ ନ୍ୟାୟପ୍ରଦାନ ପୂର୍ବକ କ୍ଷତିପୂରଣ ପ୍ରଦାନ ପାଇଁ ଜାତୀୟ ମାନବାଧିକାର କମିଶନ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ସାମାଜିକ କର୍ମୀ ଦେବଗଡ଼ର ଆଇନଜୀବୀ ଆଲୋକ କୁମାର ମିଶ୍ର ଅଭିଯୋଗ କରିଛନ୍ତି । ଏହା ସହିତ ରମଣିକଙ୍କ ପରିବାକୁ ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ କରିବାକୁ ମଧ୍ୟ ଆବେଦନରେ ଜଣାଯାଇଛନ୍ତି । ଶ୍ରୀ ମିଶ୍ରଙ୍କ ଅଭିଯୋଗକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଗ୍ରହଣ କରାଯାଇ ମାମଲାକୁ ଅଭିଯୋଗ ନଂ ୪୯୪୯//୨୦୨୫ ଭାବରେ ଗ୍ରହଣ କରାଯାଇଛି ।

# ରାଜସ୍ୱ ଆଦାୟ ସଂପର୍କରେ ସମୀକ୍ଷା ବୈଠକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

୨୦୨୪-୨୫ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ଅଳ୍ପଦିନ ଥିବାବେଳେ ବାର୍ଷିକ ରାଜସ୍ୱ ଆଦାୟର ଲକ୍ଷ୍ୟ ପୂରଣ ପାଇଁ ଏକ ସମୀକ୍ଷା ବୈଠକ ଉପ ଜିଲ୍ଲପାଳ ଅରୁଣ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ତହସିଲଦାର, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ, ଜିଲ୍ଲା ଖଣି ଅଧିକାରୀ, ସୁପର ଭାଇଜର ପ୍ରମୁଖ ବୈଠକରେ ଅଂଶ ଗ୍ରହଣ କରି ରାଜସ୍ୱ ଆଦାୟର ଲକ୍ଷ୍ୟ ପୂରଣ ପାଇଁ ଆଲୋଚନାରେ ସକ୍ରୀୟ ଭାଗ ନେଇଥିଲେ । ଜିଲ୍ଲାରେ ଥିବା ସମସ୍ତ ବେଆଇନ ଇଟାଭାଟି ଗୁଡିକୁ ନଷ୍ଟ କରାଯିବା ସହ ଭାଟି କରିଥିବା ମାଲିକ ମାନଙ୍କ ଉପରେ ଫୌଜଦାରୀ ମାମଲା ଦାଏର କରାଯିବ ଓ ଜରିମାନା ଅଦାୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସରକାରୀ ଯାଗାରୁ ବେଆଇନ ଭାବେ ମାଟି ତାଡୁଥିବା ଓ ବାଲି ସୈରାତରୁ ବେଆଇନ ଭାବେ ବାଲି ଉତୋଳନ କରି ଚାଲାଣ କରୁଥିବା ବ୍ୟକ୍ତିମାନଙ୍କ ନାମରେ ମାମଲା ଦାଏର କରାଯିବା ସହ ବାଲି ଓ ମାଟି ପରିବହନ କରୁଥିବା ଯାନଗୁଡିକୁ ଜବତ କରାଯାଇ ଜରିମାନା ଆଦାୟ କରାଯିବ । ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ପାଇଁ ସମସ୍ତ ତହସିଲଦାର ଓ ଜିଲ୍ଲା ଖଣି ଅଧିକାରୀ ସକ୍ରିୟ ଭାବେ କାର୍ଯ୍ୟ କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରତ୍ୟେକ ତହସିଲର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# 'ବିଶ୍ୱକୁ ଗବାକ୍ଷ-ଏକ ବୌଦ୍ଧିକ ଚେତନା ଆଲୋଚନା ଚକ୍ର'

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ସହରର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପାଠାଗାରର ସଭାପତି ଡଃ ଶକ୍ତିପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତା, ସାଧାରଣ ସମ୍ପାଦକ ଅଜୟ ପ୍ରଧାନଙ୍କ ଆବାହକତ ଓ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ ନବଘନ ସାହୁ,ଆଲୋଚକ ଭାବେ ଶିକ୍ଷକ ରାଜକୁମାର ମହାନ୍ତି ଯୋଗଦେଇ ଆଲୋଚ୍ୟ ବିଷୟ ବିଶ୍ୱକୁ ଗବାକ୍ଷ, ଏକ ବୈଦ୍ଧିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ସାହିତ୍ୟର ତିନୋଟି ବିଭାଗ ପୁଲକ ସାହିତ୍ୟ, ଆଦର୍ଶ ସାହିତ୍ୟ, ଆରୋହଣ ଧର୍ମୀ ସାହିତ୍ୟ ତଥା ଅନ୍ତଃଗବାକ୍ଷ ଓ ବହିଃଗର୍ବାକ୍ଷ ସମ୍ପର୍କରେ ବ୍ୟାପକ ଆଲୋଚନା କରିବା ସହ ଅନ୍ତଃ ଚେତନା ବହିଃ ଚେତନା ମିଶିଲେ କିପରି ବିଶ୍ୱକୁ ଗବାକ୍ଷ ଖୋଲିଯାଏ, ତା' ସହ ଦୈତ୍ୟ ଶକ୍ତି, ଦେବ ଶକ୍ତି ଓ ସତ୍ୟ କହୁଥିବା ଲୋକ କିପରି ଖଣ୍ଡାଧାରରେ ଚାଲିବା ସହିତ ସମାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା ଶର୍ମିଷ୍ଠା କବିଶତପଥୀ ନୀଡ଼ ଫେରନ୍ତା ପକ୍ଷୀ ଶୀର୍ଷକ ଗଳ୍ପ ପାଠ କରିଥିଲେ । ତୃତୀୟ ପର୍ଯ୍ୟାୟରେ ସାମ୍ବାଦିକ ତଥା କବି କୁଞ୍ଜବିହାରୀ ରାଉତ ଓ ଅର୍ଚ୍ଚନା ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ସସ୍ମିତା ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ସୁଶାନ୍ତ ନାୟକ, ସଞ୍ଜୁକ୍ତା ଦାଶ, ପ୍ରତାପ କୁମାର ପଣ୍ଡା, ଦେବେନ୍ଦ୍ର କୁମାର ବଳ, ବଳରାମ ଦାଶ, ସୁମିତା ସ୍ୱାଇଁ, ବ୍ରହ୍ମାନନ୍ଦ ପାଢ଼ୀ, ସୁଧିର କୁମାର ନାଥ, କୁଞ୍ଜବିହାରୀ ରାଉତ, ଅର୍ଚ୍ଚନା ପାତ୍ର, ସୁଭାଷିନୀ ସାହୁ ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ ସାହସିକତା ପାଇଁ ଅର୍ଚ୍ଚନା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ବିଭୁଦତ୍ତ ବେହେରା, ଗାୟତ୍ରୀ ସେଠି, କୌଶଲ୍ୟା ମହାରଣା, ଗୀତାଞ୍ଜଳି ମହାରଣା, କବିତା ଦାଶ, ସମୃଦ୍ଧି ମହାରଣା, କମଳ ଆଚାର୍ଯ୍ୟ, ସଞ୍ଜୀବ କୁମାର ଭୋଇ, ହରିହର ଶତପଥୀ, ପ୍ରିୟା ପାତ୍ର, ଅନିଲ କୁମାର ଦାଶ,ଶରତ ରାଉତ, ଶ୍ରୀକାନ୍ତ ପାଣିଗ୍ରାହୀ, ବିଜୟ ସାହୁ, ଅଶୋକ କୁମାର ପାତ୍ର, ସୁନିଲ ମହାନ୍ତି, ନୃସିଂହ ପ୍ରସାଦ ବେହେରା, ସ୍ୱରାଜ ବେହେରା, ବସନ୍ତ କୁମାର ମହାରଣା, ଗୀତାଞ୍ଜଳି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କବିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାକେନ୍ଦ୍ରରେ ମାତୃ ପୂଜନ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବିବେକାନନ୍ଦ ଶିକ୍ଷା-କେନ୍ଦ୍ରରେ ମାତୃ ପୂଜନ ଦିବସ ପାଳିତ ହୋଇଯାଇଛି । ଶିକ୍ଷାକେନ୍ଦ୍ର ସମ୍ପାଦକ ମାନସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ସୁଧାଂଶୁ ଶେଖର ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃ ପୂଜନ ଦିବସର ମହତ୍ୱ ସମ୍ପର୍କରେ ପିଲା ମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମାତୃପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗୁରୁମା ଅନୁରାଧା ଭଟ୍ଟ, ସାଗରିକା ସିଂହ, ଲକ୍ଷ୍ମୀ ନାଟିଆ,ସ୍ୱପ୍ନା ପ୍ରିୟଦର୍ଶିନୀ, ମମତା ସାହୁ,ଜ୍ୟୋତ୍ସ୍ନା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭିନ୍ନକ୍ଷମଙ୍କୁ ଚିହ୍ନଟ ପାଇଁ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ'

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ରାଉରକେଲା ମହାନଗର ନିଗମ ଏବଂ ଜିଲ୍ଲା ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସନ୍ଥ ନିରଙ୍କାରୀ ସତସଙ୍ଗ ଭବନ ଠାରେ 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସେମାନଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିବା ତଥା ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ବିଭିନ୍ନ ଦିବ୍ୟାଙ୍ଗ କଲ୍ୟାଣମୂଳକ ଯୋଜନାର ଲାଭାର୍ଥି କରାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ଥିଲା । ଏହି 'ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ'ରେ ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହାର ପ୍ରମାଣପତ୍ର ଦେବା ନିମନ୍ତେ ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ଡାକ୍ତରୀ କ୍ୟାମ୍ପର ଆୟୋଜନ କରାଯାଇଥିଲା । ଶ୍ରବଣ ଓ ବାକ୍ ବାଧିତ ସହ ଦୃଷ୍ଟି ବାଧିତ, ଶାରୀରିକ ଭିନ୍ନକ୍ଷମ ଏବଂ ମାନସିକ ଭିନ୍ନକ୍ଷମତା ଚିହ୍ନଟ କରିବା ନିମନ୍ତେ ଡାକ୍ତରୀ ଦଳ ଉପସ୍ଥିତ ରହିଥିଲେ । ଏଥି ନିମନ୍ତେ ମୋଟ ୩୩୪ ଜଣ ପଞ୍ଜୀକରଣ କରାଇଥିବା ବେଳେ ଆଗାମୀ ଦିନରେ ୩୨୧ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯିବ । ଏଥିରେ ଚିହ୍ନଟ ହୋଇଥିବା ୨୭ ଜଣ ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ, ଟ୍ରାଇ ସାଇକେଲ ଓ ହ୍ୱିଲ ଚେୟାର ଭଳି ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯିବ । ଏଥିସହ ୫୨ ଜଣଙ୍କୁ ବସ୍ ପାସ୍, ୧୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ସହ ଏହି ଅଭିଯାନରେ ବିବାହ ପ୍ରୋତ୍ସାହନ ଅର୍ଥ ରାଶି, ଭିନ୍ନକ୍ଷମ ସହାୟକ ଉପକରଣ ପ୍ରଦାନ ନିମନ୍ତେ କାଉଣ୍ଟରର ବ୍ୟବସ୍ଥା କରାଯାଇଥିଲା । ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଉରକେଲା ମହାନଗର ନିଗମର ଉପ ପୌରାୟୁକ୍ତ ତରୁଣ କାନ୍ତ ମୁଖ୍ୟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୀନୁ ତାଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୱେଲ୍ ଟପ୍ପୋଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ଅଙ୍ଗନବାଡ଼ି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ ।

# ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ମିଡିଆକିଆ ପଞ୍ଚାୟତର ନୂଆସାହି ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଆମ ସଂସ୍କୃତି ଓ ଆମ ଖେଳନା' କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୋଦ ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେବା ନିବୃତ୍ତ ଶିକ୍ଷକ ଯୋଗେନ୍ଦ୍ର ଜେନା ଯୋଗଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସବିର କୁମାର ପ୍ରଧାନ, ଶିକ୍ଷୟିତ୍ରୀ ରଜନୀ ମଳିକ ପ୍ରମୁଖ ଯୋଗ ଦେଇ ଆମ ସଂସ୍କୃତି ଓ ଆମ ଖେଳନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉପଯୋଗିତା ସହ ଶୈକ୍ଷିକ ବିକାଶରେ ମାତା ଓ ପିଲାଙ୍କ ଭୂମିକା ସମ୍ପର୍କରେ ସମ୍ୟକ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ଜଗଦୀଶ ଚନ୍ଦ୍ର ବେହେରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ କିମନ୍ତି ମଳିକ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ମଳିକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଶିକ୍ଷକ, ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ଶ୍ରୀବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳାମାନେ ସମୃଦ୍ଧ ହେଲେ ସମାଜ ଶୃଙ୍ଖଳିତ ହେବ : ଜଷ୍ଟିସ ରଥ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ନାରୀ କେବେ ଦୁର୍ବଳ କିମ୍ବା ଅବହେଳିତା ନୁହନ୍ତି । ସେମାନେ ସବଳା ଓ ଶକ୍ତିମୟୀ । ମା' ହିଁ ଘରର ମେରୁଦଣ୍ଡ । ସେ ହିଁ ପରିବାରକୁ ଏକାଠି ରଖିପାରେ, ପରିବାରର ସଦସ୍ୟଙ୍କୁ ଆଗକୁ ବଢିବାରେ ସହଯୋଗ କରିପାରେ । ତେଣୁ ମହିଳାମାନେ ସମୃଦ୍ଧ ହେଲେ ସମାଜ ଶୃଙ୍ଖଳିତ ଓ ସୁସଂଗଠିତ ହୋଇପାରିବ ବୋଲି ଅବସରପ୍ରାପ୍ତ ବିଚାରପତି ତଥା ଶ୍ରୀମନ୍ଦିର ରତ୍ନଭଣ୍ଡାର କମିଟିର ଅଧ୍ୟକ୍ଷ ବିଶ୍ୱନାଥ ରଥ କହିଛନ୍ତି । ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଓଡ଼ିଶା ମହିଳା ମହୋତ୍ସବ-୨୦୨୫ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି ଯେ, ଯୁଗେ ଯୁଗେ ମହିଳାମାନେ ପୂଜ୍ୟା । ସେ ଘରର ଚାବିକାଠି ସମ୍ଭାଳିବା ସହ ପରିବାରର ଯାବତୀୟ କାର୍ଯ୍ୟ କରିଥାନ୍ତି । ସେ ହିଁ ପରିବାରକୁ ସଜାଡ଼ିବା ସହ ସମାଜକୁ ଶୃଙ୍ଖଳିତ ଓ ଆଗକୁ ବଢିବାରେ ପ୍ରମୁଖ ଭୂମିକା ନେଇଥାନ୍ତି । ଶିକ୍ଷାର ମହାସ୍ରୋତରେ ମହିଳମାନେ ସାମିଲ୍ ହୋଇ ଦେଶର ସମସ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହ ବିକାଶର ଧାରାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି । ଟ୍ରଷ୍ଟର ଅଧ୍ୟକ୍ଷା ସମାଜସେବୀ ନିବେଦିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ଆଚାର୍ଯ୍ୟ ଓ କଲିକତା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସ୍ମୃତି ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସମାଜରେ ନାରୀ ପୁରୁଷ ମଧ୍ୟରେ ଥିବା ତାରତମ୍ୟକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କହିବା ସହିତ ମହିଳାମାନେ ଆଗକୁ ବଢନ୍ତୁ ବୋଲି କହିଥିଲେ । ମହିଳାମାନଙ୍କୁ ସମୃଦ୍ଧ ହେବା କ୍ଷେତ୍ରରେ ପରିବାରରୁ ପ୍ରଥମେ ସହଯୋଗ ମିଳିବା ଦରକାର । ଫଳରେ ସେମାନେ ଆଗକୁ ବଢିବେ ଓ ସମୃଦ୍ଧ ହେବେ । ସେହିପରି ନାରୀ ଶିକ୍ଷା ଉପରେ ସେମାନେ ଗୁରୁତ୍ୱ ଦେବା ସହ ସମାଜରେ ସେମାନଙ୍କ ପାଇଁ ସମାନତା ରହିବା ଦିଗରେ ସରକାର ଆହୁରି ପ୍ରୟାସ କରିବା ଦରକାର ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ 'ସମ୍ବାଦ ଶତରୂପା' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଡଃ ଜୟଶ୍ରୀ ମହାପାତ୍ର, ସଖୁବୀନ୍ଦର କୌର, କୁମ୍‌କୁମ୍ ଦେବୀ, ବିଷ୍ଣୁପ୍ରିୟା ସାହୁ, ସ୍ୱାତୀ ଦାଶ, ଅନୂସୟା ରଥ ଓ ସ୍ମରଣିକା ମହାନ୍ତି ଯୋଗ ଦେଇଥିଲେ । ଏହି ଅବସରରେ ୧୬ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ସେମାନେ ହେଲେ ଡଃ ଜୟଶ୍ରୀ ମହାପାତ୍ର, ସରିତା ପଣ୍ଡା, ଚିତ୍ରଲେଖା ମହାନ୍ତି, ଶର୍ମିଳା ସାହୁ, ସ୍ମୃତି ମିଶ୍ର, ସ୍ୱାତୀ ଦାଶ, ଅପର୍ଣ୍ଣା ମିଶ୍ର, ସନ୍ଧ୍ୟା ପଟ୍ଟନାୟକ, ଆରତୀ ପଟେଲ, ସୁମିତ୍ରା ମହାପାତ୍ର, କନକଲତା ସୂତାର, ଡଃ ପିନାକ୍ଷୀ ବାଗ, ସ୍ମିତା ମହାନ୍ତି, ସ୍ମରଣିକା ମହାନ୍ତି, ନିବେଦିତା ଶତପଥୀ ଓ ସସ୍ମିତା ସେନାପତି ପ୍ରମୁଖ । ପରେ ପରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୁରୀର କଳାମାରମାନଙ୍କ ପକ୍ଷରୁ ନାରୀ ଶକ୍ତି ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସୋଆ ବିଶ୍ୱ ବିଦ୍ୟାଳୟର ଆଇନ ବିଭାଗ ଛାତ୍ରଙ୍କ ପକ୍ଷରୁ ଏକ ସଚେତନତାମୂଳକ ନାଟକ ମାମାଲି ମିଶ୍ର ଏବଂ ଅନ୍ୟ ସାଥୀମାନଙ୍କ ପକ୍ଷରୁ ଫେସନ ଶୋ କାର୍ଯ୍ୟକ୍ରମ ଓ ଶେଷରେ ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀ ସନ୍ଧ୍ୟା ପଟ୍ଟନାୟକଙ୍କ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ସରୋଜ କୁମାର ଭୂୟାଁ ଏବଂ ମଞ୍ଚ ପରିଚାଳନା କରିଥିଲେ ମୋନିକା ମହାନ୍ତି ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ସହରର ବେପାରି-ବରହମପୁର, ଭାଟ ସାହିର ଧର୍ମପ୍ରାଣା ମହିଳା ଶାନ୍ତିଲତା ମହାନ୍ତିଙ୍କର ୭୩ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ସେ ଜଣେ ଧର୍ମପରାୟଣ ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ । ଅସୁସ୍ଥତା କାରଣରୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଚିକିତ୍ସିତ ହେଉଥିବା ସମୟରେ ମାର୍ଚ୍ଚ ୮ ତାରିଖ ଅପରାହ୍ନ ସମୟରେ ଦେହତ୍ୟାଗ କରିଥିଲେ । ମୃତ୍ୟୁ ସମୟରେ ତାଙ୍କ ସ୍ୱାମୀ ବାସୁଦେବ ମହାନ୍ତି, ଏକମାତ୍ର ପୁତ୍ର ବିରଜା ପ୍ରସାଦ ମହାନ୍ତି ଓ ପୁତ୍ର ବଧୂ ଦୀପ୍ତି ସେଠୀ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ । ଶାନ୍ତିଲତା ମହାନ୍ତି ପିଲାଟି ବେଳରୁ ଫୁଲ ତୋଳି ଫୁଲ ଗୁନ୍ଥି ମା' ବିରଜାଙ୍କୁ ଫୁଲ ଦେବା ଅଭ୍ୟାସ ରଖିଥିଲେ । ସ୍ୱାମୀଙ୍କ ଅବସର ପରେ ଯାଜପୁର ଟାଉନରେ ଘର କରି ରହିବା ପରେ ପ୍ରତିଦିନ ଫୁଲ ଗୁନ୍ଥି ମା' ବିରଜାଙ୍କ ନିକଟକୁ ପଠାଉଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଅର୍ଥନୀତିରେ ଦ୍ରୁତ ବୃଦ୍ଧି ଘଟିଛି

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି। ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା**



ଶ୍ରୀ ଅଭିରାମ ସରସ୍ୱତୀ

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୭)

ଲୋଡା ନାହିଁ ମୋର ସାରା ଜଗତ ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁର୍ଗସ୍ଥା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

# ଶ୍ରୀମନ୍ଦିରରେ ନିଆରା ଦୋଳ ଉତ୍ସବ



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫





ଶ୍ରୀମନ୍ଦିରରେ ଦୋଳଉତ୍ସବ ଶୁକ୍ଳପକ୍ଷ ଦଶମୀ (ଫଗୁ ଦଶମୀ) ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପାଂଚଦିନ ଶ୍ରୀଜୀଉମାନଙ୍କର ଚାଚେରୀ ବେଶ, ସ୍ୱତନ୍ତ୍ର ଭୋଗ। ଫଗୁଲାଗି ଅନୁଷ୍ଠିତ ହେବାପରେ ଷଷ୍ଠ ଦିନ ଦୋଳସ୍ବବ, ସୁନାବେଶ ଓ ଶେଷ ଦିନ ହୋଲି ଅନୁଷ୍ଠିତ ହୋଇଥାଏ। ଅନ୍ୟତ୍ର ଦୋଳଯାତ୍ରାରେ ଶ୍ରୀକୃଷ୍ଣ ଓ ରାଧାଙ୍କର ପ୍ରସିଦ୍ଧି ଥିଲେହେଁ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀଦୋଳଗୋବିନ୍ଦ, ଲକ୍ଷ୍ମୀ (ଶ୍ରୀଦେବୀ) ଓ ସରସ୍ୱତୀ (ଭୂଦେବୀ) ଏକତ୍ର ଏହି ଯାତ୍ରା ସଂପନ୍ନ କରିଥାଆନ୍ତି। ଏହାହିଁ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରର ବିଶେଷତ୍ୱ ଓ ମହାତ୍ମ୍ୟ। ଏହା ଯେପରି ବୈଚିତ୍ର୍ୟମୟ ସେତିକି ଉପଭୋଗ୍ୟ ଓ ତତ୍ତ୍ୱଦର୍ଶନରେ ଭରପୁର। ଉତ୍ସବ ଦିନ ମାନଙ୍କରେ ଜୀଉମାନେ ରକ୍ତ (ଲାଲ) ରଙ୍ଗର ପିନ୍ଧାବସ୍ତ୍ର, ଗୀତଗୋବିନ୍ଦ ପଦାବଳୀ ଥିବା ଫୁଟାପହରଣ, ଶ୍ରୀକପଡ଼ା ମୁଖବଲା ଓ ଟୋପର ଆଦିରେ ଭୂଷିତ ହୁଅନ୍ତି। ଏହାଛଡ଼ା ବିବିଧ ସ୍ୱର୍ଣ୍ଣ ଅଳଙ୍କାର ଯଥା ନଳୀଭୁଜ, ଆଡ଼କାନି, ତଡ଼କୀ, ଚନ୍ଦ୍ରିକା, କୁଣ୍ଡଳ, ଓଡ଼ିଆଣି, ଚନ୍ଦ୍ର, ସୂର୍ଯ୍ୟ ଓ ଘାଘଡ଼ା ମାଳି ଆଦିରେ ତିନି ଠାକୁରଙ୍କୁ ବେଶ କରାଯାଏ। ଏହି ଅପୂର୍ବ ବେଶକୁ 'ଚାଚେରୀ ବେଶ' କୁହାଯାଏ। ଚାଚେରୀ ବେଶରେ 'ତିନି ବିଜେଠାକୁର' ଦୋଳ ଗୋବିନ୍ଦ, ଶ୍ରୀଦେବୀ ଓ ଭୂଦେବୀ ରତ୍ନସିଂହାସନରେ ବିଜେହେବା ପରେ ପ୍ରସାଦଲାଗି ଏବଂ ଚାଚେରୀ ଭୋଗ ପରେ ଠାକୁରମାନେ 'ବସନ୍ତ ଗୁଣ୍ଡିଚା ତୋଟା' (ଜଗନ୍ନାଥବଲ୍ଲଭ ମଠ)ଠା'କୁ ବିଜେ କରନ୍ତି। ସେଠାରେ ସେବକମାନେ ଜଉଡାବ(ଜଉରେ ତିଆରି କୁମ୍ଭା ଭଳି ଏକ ପାତ୍ର)ରେ ଥିବା ଫଗୁ ନେଇ ଠାକୁରମାନଙ୍କ ସହିତ ଫଗୁ ଖେଳନ୍ତି। ପୂର୍ବ କାଳରେ ରାଜା ମହାରାଜାଙ୍କ ମୃଗ ଶୀକାର ପ୍ରକାରେ ଦୋଳଗୋବିନ୍ଦ 'ବେଂଟ ଶିକାର' କରନ୍ତି। ରୀତି ଅନୁଯାୟୀ ଭିତରଚ୍ଛୁ (ସେବାୟତ)ଏକ ତୀରକୁ ଠାକୁରଙ୍କ ଶ୍ରୀଅଙ୍ଗରେ ଛୁଆଁଇ ଦେବାପରେ ଲେଙ୍କା ସେବକ ସେହି ତୀରରେ ଶୀକାର (ମୃଗ) ଜ୍ଞାନରେ 'ପଇଡ଼'କୁ ବିନ୍ଧି ଥାଆନ୍ତି। ଏହାକୁ ବେଂଟଲୀଳା ବା ଶୀକାର ନୀତି କୁହାଯାଏ

ପଞ୍ଚମ ଦିନ ବିଜେ ଠାକୁରମାନେ ବିମାନରେ ବସି ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ଥିବା ଦୋଳବେଦୀ (ଦୋଳବେଦୀ କୁ) ଠାକୁ ଯାତ୍ରା କରନ୍ତି। ସେଠାରେ 'ଅଗ୍ନି ଉତ୍ସବ', 'ରାଜାଗ୍ନି' ତଥା 'ଅଇଘରା ପୋଡ଼ି' ନୀତି ଅନୁଷ୍ଠିତ ହୋଇଥାଏ। ଦୋଳଦିନ ଠାକୁରମାନେ ହଜାର ହଜାର ଭକ୍ତଙ୍କ ହରିବୋଲ ହୁଳହୁଳି, ଖୋଳ କରତାଳ, କୀର୍ତ୍ତନ, ଭଜନ ଓ ପାମ୍ପରିକ ହୋଲି ଗୀତମଧ୍ୟରେ ଲକ୍ଷ୍ମୀବଜାର ରାସ୍ତା ଦେଇ ଦୋଳବେଦୀକୁ ଯାତ୍ରା କରିବା ସମୟରେ ଘଣ୍ଟ, ଛତା, କାହାଳୀ ଓ ବାଜାର ତାଳେ ତାଳେ ମଣିବିମାନ ଝୁଲି ଝୁଲି ଆଗେଇ ଯାଉଥିବାର ଦୃଶ୍ୟ ଏକ ଅପୂର୍ବ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ବିମାନବଡ଼ୁ ସେବକମାନଙ୍କର ବିରୋଚିତ ଓ ମର୍ଯ୍ୟାଦାସଂପନ୍ନ ଠାଣୀ ଏବଂ ସମାନ୍ତରାଳ ହସ୍ତପଦ ବିନ୍ୟାସର ଦୃଶ୍ୟ ଅବର୍ଣ୍ଣନୀୟ। ଭକ୍ତମାନଙ୍କର ଫଗୁ ମାଡ଼ରେ ମଣିବିମାନ ମଣ୍ଡି ହୋଇ ଯାଇଥିବା ବେଳେ ତିନି ଚଳନ୍ତି ପ୍ରତିମାଙ୍କର କେବଳ ମୁହଁଟି ମାନ ବାହାରକୁ ଦେଖାଯାଉଥାଏ। ଏହା ଅନ୍ୟତ୍ର ବିରଳ।

# ରଙ୍ଗମୟ ଦୋଳ ଯାତ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.



ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ଼୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଞ୍ଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଞ୍ଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।

ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦୀ କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସକୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।

ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।

ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଣ୍ଟ ଘଣ୍ଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଲଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।

ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି।

ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ହେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।

ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଣ୍ଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡ଼ି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ।

# ହୋଲି



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯



ପର୍ବ ପର୍ବାଣି ଆମ ଜୀବନରେ ଆନନ୍ଦ ଭରି ଦେଇଥାଏ। ଭାରତରେ ବାର ମାସରେ ତେର ପର୍ବ ପାଳନ କରା ଯାଇଥାଏ। ଋତୁ ଚକ୍ରର ପରିବର୍ତ୍ତନକୁ ନେଇ ଆମେ ଅଲଗା ଅଲଗା ପର୍ବ ପାଳନ କରିଥାଉ। ପ୍ରତ୍ୟେକ ପର୍ବର କିଛି ନା କିଛି ମହତ୍ତ୍ୱ ରହିଛି। ରଙ୍ଗର ପର୍ବ ହୋଲି ଫାଲଗୁନ ମାସର ଶେଷ ଓ ଚୈତ୍ର ମାସର ଆରମ୍ଭରେ ପାଳନ କରା ଯାଇଥାଏ। ଏହି ସମୟରେ ଶୀତ ଛାଡିଆସିଥାଏ ଏବଂ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ଫାଲଗୁନ ପୂର୍ଣ୍ଣିମାକୁ ଆମେ ଦୋଳ ପୂର୍ଣ୍ଣିମା କହୁ। ଏହି ଦିନ ରାଧାକୃଷ୍ଣଙ୍କ ବିଗ୍ରହକୁ ଅବିର ଦ୍ୱାରା ସଜା ଯାଏ ଏବଂ ପୂଜା ଅର୍ଚ୍ଚନା କରାଯାଏ। ଦୋଳ ପୂର୍ଣ୍ଣିମାର ପର ଦିନ ଆମେ ହୋଲି ଖେଳି ଥାଉ। ଦୋଳ ପୂର୍ଣ୍ଣିମା ରାତିରେ ଅନେକ ସ୍ଥାନରେ ହୋଲି ଦହନ କରାଯାଏ। ହୋଲିକା ରାକ୍ଷାସୀର ଦହନକୁ ମନେ ପକାଇ ହୋଲି ଦହନ କରାଯାଏ। ମଣିଷ ଭିତରେ ଥିବା ରାକ୍ଷସ ପ୍ରବୃତ୍ତିକୁ ହୋଲି ଦହନ ସହିତ ସତେ ଯେମିତି ଦହନ କରାଯାଇଥାଏ। ହୋଲି ହେଲା ଅସତ୍ୟ ଉପରେ ସତ୍ୟର ବିଜୟ ଓ ରାକ୍ଷସ ପ୍ରବୃତ୍ତି ଉପରେ ଦେବତ୍ୱର ବିଜୟର ପର୍ବ।

ହୋଲିକା ରାକ୍ଷସୀ ହିରଣ୍ୟକାଶ୍ୟପର ଭଉଣୀ ଥିଲା। ହୋଲିକାକୁ ବ୍ରହ୍ମାଙ୍କ ଠାରୁ ବର ମିଳିଥିଲା ଯେ ସିଏ ନିଆଁରେ ପୋଡିବ ନାହିଁ। ଏହି ବର ପ୍ରଭାବରେ ସିଏ ପ୍ରହଲ୍ଲାଦକୁ କୋଳ କରି ନିଆଁରେ ପ୍ରବେଶ କରିଥିଲା, ଭାବିଥିଲା ପ୍ରହଲ୍ଲାଦ ଜଳିଯିବ ଏବଂ ସିଏ ବଞ୍ଚି ଯିବ କିନ୍ତୁ ହୋଲିକା ଜଳିଯାଇଥିଲା ଆଉ ପ୍ରହଲ୍ଲାଦ ବଞ୍ଚିଯାଇଥିଲା। ହୋଲିକା ରାକ୍ଷସ ପ୍ରବୃତ୍ତିକୁ ପ୍ରତିନିଧିତ୍ୱ କରେ ପ୍ରହଲ୍ଲାଦ ଦେବତ୍ୱର ପ୍ରତିନିଧିତ୍ୱ କରନ୍ତି। ହୋଲିରେ ଆମେ ବସନ୍ତର ଆଗମନକୁ ରଙ୍ଗ ସହିତ ସ୍ୱାଗତ କରିଥାଉ। ଏହା ବନ୍ଧୁ ମିଳନର ପର୍ବ। ହାତରେ ଅବିର ଧରି ଓ ରଙ୍ଗର ପିଚକାରୀ ଧରି ଆମେ ବନ୍ଧୁ ଓ ଆତ୍ମୀୟଙ୍କୁ ସ୍ୱାଗତ କରିଥାଉ। ହୋଲି ଆମ ସାହିତ୍ୟ, ସଙ୍ଗୀତ ଓ ନୃତ୍ୟ ଉପରେ ବେଶ ପ୍ରଭାବ ପକାଇଛି। ହୋଲି ହେଲା ରଙ୍ଗର ପର୍ବ ଏବଂ ଭାଇଚାରାର ପର୍ବ। ହୋଲି ଦିନ ବିଭିନ୍ନ ରାଜନୈତିକ ଦଳ ଏବଂ ଭାରତର ସାଧାରଣ ଜନତା ମହାସମାରୋହରେ ରଙ୍ଗର ପର୍ବ ହୋଲି ପାଳନ କରନ୍ତି। ଭାରତରେ ବିଭିନ୍ନ ସ୍ଥାନ ବିଭିନ୍ନ ପ୍ରକାର ହୋଲି ଖେଳାଯାଏ। ବୃନ୍ଦାବନରେ ଫୁଲାନବାଲି ହୋଲି ଖେଳା ଯାଏ, ଫାଲଗୁନ ଏକାଦଶୀ ଦିନ ବାଙ୍କବିହାରୀ ମନ୍ଦିରରେ ଏହି ହୋଲି ଖେଳା ଯାଇଥାଏ। ଅନେକ ଜାଗାରେ ଲାଠୋମାର ହୋଲି ଦେଖିବାକୁ ମିଳିଥାଏ। ଲାଠୋମାର ହୋଲି ଲାଠି ଦ୍ୱାର ଖେଳା ଯାଏ। ଏହା ମୁଖ୍ୟତଃ ବରସାନା ଓ ନନ୍ଦଗାଁରେ ଖେଳା ଯାଏ। ଲାଠୋମାର ହୋଲିରେ ମହିଳା ମାନେ ଲାଠି ଧରି ପୁରୁଷ ମାନଙ୍କୁ ଆକ୍ରମଣ କରିଥାନ୍ତି ଏବଂ ପୁରୁଷମାନେ ନିଜକୁ ମାଡରୁ ବଞ୍ଚାଇଥାନ୍ତି। ଏହା ବେଶ ରୋମାଞ୍ଚକର ଖେଳ ହୋଇଥାଏ। ଏହି ଦୁଇଟି ଗାଁ ରାଧା ଓ କୃଷ୍ଣଙ୍କ ଗାଁ ଭାବେ ପ୍ରସିଦ୍ଧ ତେଣୁ ଏଠାର ହୋଲି ସବୁଠାରୁ ନିଆରା। ନନ୍ଦଗାଁର ପୁରୁଷମାନେ ଏବଂ ବରସାନେର ମହିଳାମାନେ ଏହି ପର୍ବରେ ଭାଗ ନେଇଥାନ୍ତି। ନନ୍ଦଗାଁର ପୁରୁଷ ମାନଙ୍କୁ ବରସାନେର ମହିଳାଙ୍କର ମାଡରୁ ନିଜକୁ ରକ୍ଷା କରି ବରସାନେର ମହିଳାମାନଙ୍କୁ ରଙ୍ଗ ଲଗେଇବାକୁ ପଡିଥାଏ। ହୋଲିରେ ଥଣ୍ଡା ପାନୀୟ ଜଳ, ସର୍ବତ ଲୋକେ ପିଇଥାନ୍ତି କିନ୍ତୁ ବେଳେ ବେଳେ ଭାଙ୍ଗ ପିଇ ଲୋକେ ଉନ୍ମତ୍ତ ହୋଇଯାଇଥାନ୍ତି। ହୋଲି ଦିନ ଅନେକ ସ୍ଥାନରେ ଦୁର୍ଘଟଣା ଘଟିଥାଏ, ଦୁର୍ଘଟଣାରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜିଲ୍ଲା ପୁଲିସ ତରଫରୁ ଅନେକ କଟକଣା କରାଯାଇଥାଏ ଏବଂ ବିଭିନ୍ନ ପଦକ୍ଷେପ ନିଆଯାଇଥାଏ। ଦକ୍ଷିଣ ଭାରତରେ ହୋଲି ପର୍ବ ଦେଖିବାକୁ ମିଳେନାହି। ହୋଲି ମୁଖ୍ୟତଃ ଉତ୍ତର ଭାରତ, ପୂର୍ବ ଭାରତ ଓ ପଶ୍ଚିମ ଭାରତର ପର୍ବ। ହୋଲିରେ ଶିକ୍ଷା ଅନୁଷ୍ଠାନ, ଅଫିସ ଓ ଅନ୍ୟ ଅନୁଷ୍ଠାନ ଗୁଡିକରେ ଛୁଟି ହୋଇଥାଏ ତେଣୁ ଲୋକେ ହୋଲିର ଆନନ୍ଦ ବେଶ ଉପଭୋଗ କରିଥାନ୍ତି। ହୋଲିକୁ ବିଭିନ୍ନ ସଂପ୍ରଦାୟର ଲୋକମାନେ ପାଳନ କରି ଥାନ୍ତି। ମୁଖ୍ୟତଃ ହିନ୍ଦୁ, ଶିଖ, ବୁଦ୍ଧ ଓ ଜୈନ ଧର୍ମର ଲୋକମାନେ ପାଳନ କରିଥାନ୍ତି। ହୋଲିର ଶୁଭ ଅଭିନନ୍ଦନ ସାଧାରଣ ଜନତାଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଇଥାଏ। କେମିକାଲ ରଙ୍ଗ, ହୋଲିର ଆନନ୍ଦକୁ ଫିକା କରିଦିଏ ତେଣୁ ସବୁବେଳେ କେମିକାଲ ରଙ୍ଗଠାରୁ ଦୂରେଇ ରହିବାପାଇଁ ସଚେତନ କରାଯାଇଥାଏ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୨୫

## ଦ୍ରୋଣ ପ୍ରତିଶୋଧ ନେଲେ-୩

ବନ୍ଧା ହୋଇ ଠିଆ ହୋଇଥାନ୍ତି ଦ୍ରୁପଦ । ଦ୍ରୋଣଙ୍କ ଆଗରେ ।

ଦ୍ରୋଣ କହିଲେ, "ହେ ମହାନ୍ ରାଜା ! ତୁମେ କ୍ଷମତା ମୋହରେ ଅନ୍ଧ ହୋଇ ପିଲାଦିନର ବଂଧୁତା ଭୁଲିଗଲ । କହିଲ, ବଂଧୁତା ସମାନ ସ୍ତରର ମନୁଷ୍ୟଙ୍କ ମଧ୍ୟରେ ହୁଏ । ମୁଁ ବର୍ତ୍ତମାନ ପାଞ୍ଚାଳର ରାଜା ।

ଭୁଲ କହିଲି ? ଦେଖ, ମୋ ରାଜ୍ୟର ଅଧା ମୁଁ ତୁମକୁ ଦାନ କରୁଛି । ଏବେ ଆମେ ବନ୍ଧୁ ହୋଇପାରିବା । ନୁହଁ ? ବର୍ତ୍ତମାନ ତୁମେ ଯାଅ ।" ଯଥେଷ୍ଟ ସମ୍ମାନର ସହ ସେ ଦ୍ରୁପଦଙ୍କୁ ବିଦାୟ ଦେଲେ । ତାଙ୍କ ଉପରେ ପ୍ରତିଶୋଧ ନେଇପାରିଥିବାରୁ ଦ୍ରୋଣ ଖୁସିଥିଲେ ।

ଦ୍ରୁପଦ ପ୍ରବଳ ଅପମାନ ପାଇ ଫେରିଗଲେ । କିନ୍ତୁ ସେ ସହିପାରୁନଥିଲେ ଅପମାନକୁ । ବର୍ତ୍ତମାନ ତାଙ୍କର ଏକମାତ୍ର ଇଚ୍ଛା କେମିତି ଦ୍ରୋଣଙ୍କୁ ହତ୍ୟା କରିବେ ।

ସେ ଅନ୍ନଜଳ ଗ୍ରହଣ କଲେନାହିଁ । ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ତପ ସାଧନାକଲେ । ସେ ଦ୍ରୋଣଙ୍କୁ ହତ୍ୟା କରିପାରିବେ ନାହିଁ । ପୁଅଟିଏ ହେଲେ, ସେ ଦ୍ରୋଣଙ୍କୁ ହତ୍ୟା କରିବ । ତପସ୍ୟା କାଳରେ ସେ ଇଚ୍ଛା କଲେ ପୁଅଟିଏ ଓ ଝିଅଟିଏ । ପୁଅଟି ଦ୍ରୋଣଙ୍କୁ ମାରିବ ଓ ଝିଅଟି ଅର୍ଜୁନକୁ ବିବାହ କରିବ ।



ଅବଶେଷରେ ଦ୍ରୁପଦଙ୍କ ତପସ୍ୟା ସଫଳ ହେଲା । ତାଙ୍କର ପୁଅଟିଏ ଜନ୍ମ ହେଲା । ଯାହାର ନାମ ରହିଲା ଧୃଷ୍ଟଦ୍ୟୁମ୍ନ ଏବଂ ଝିଅଟିଏ ଜନ୍ମ ହେଲା, ଯାହାର ନାମ ରହିଲା ଦ୍ରୌପଦୀ ।

ପରବର୍ତ୍ତୀ ସମୟରେ ଦ୍ରୌପଦୀ ପାଣ୍ଡବ ଭାଇମାନଙ୍କୁ ବରଣକଲେ ଏବଂ ଦ୍ରୋଣଙ୍କ ପରି ଅପରାଜେୟ ବୀରଙ୍କୁ ଧୃଷ୍ଟଦ୍ୟୁମ୍ନ କୁରୁକ୍ଷେତ୍ର ଯୁଦ୍ଧରେ ନିହତକଲେ ।

ଏହା ହେଉଛି, ଅତି ସଂକ୍ଷେପରେ ଦ୍ରୋଣ ଓ ଦ୍ରୁପଦଙ୍କ କାହାଣୀ ।

**ଆସ ମନେରଖିବା :** ଦ୍ରୌପଦୀଙ୍କ ଜନ୍ମବୃତ୍ତାନ୍ତ ମହାଭାରତର ଆଦିପର୍ବରେ ବର୍ଣ୍ଣିତ । ଯେ, ରାଜା ଦ୍ରୁପଦ, ପୁତ୍ରଟିଏ ଇଚ୍ଛାକରି ଶିବଙ୍କୁ ଆରାଧନା କରିଥିଲେ, ଯେଉଁ ପୁତ୍ର ଦ୍ରୋଣଙ୍କୁ ହତ୍ୟାକରିବ । ଶିବଙ୍କ ପରାମର୍ଶ କ୍ରମେ ଦ୍ରୁପଦ ଏକ ଯଜ୍ଞାନୁଷ୍ଠାନ କଲେ । ଯାହାର ପୁରୋଧା ଥିଲେ ବ୍ରାହ୍ମଣ 'ଯାଜ' ଓ 'ଉପଯାଜ' । ଯଜ୍ଞ ସରିଲା । ବ୍ରାହ୍ମଣ 'ଯାଜ' ଦ୍ରୁପଦଙ୍କ ପତ୍ନୀଙ୍କୁ ଚରୁ ଖାଇବାକୁ ଦେଲେ । କିନ୍ତୁ ରାଣୀ ଅପେକ୍ଷା କରିବାକୁ କହି ଧୁଆଧୁଇ ହେବାକୁ ଚାଲିଗଲେ । ଅମୃତବେଳା ଗଡ଼ିଯାଉଥିବାରୁ ବ୍ରାହ୍ମଣ 'ଯାଜ' ଚରୁକୁ ଯଜ୍ଞକୁଣ୍ଡରେ ପକେଇଦେଲେ । ବାସ୍ ! ଆବିର୍ଭାବ ହେଲେ ଜଣେ ବୀର ପୁରୁଷ । ଯାହାଙ୍କ ନାମ ଧୃଷ୍ଟଦ୍ୟୁମ୍ନ ରଖାଗଲା । ତାଙ୍କ ପରେ ଯଜ୍ଞକୁଣ୍ଡରୁ ବାହାରିଲେ ଜଣେ ନାରୀ, ଯାହାଙ୍କ ନାମ କୃଷ୍ଣା ବା ଦ୍ରୌପଦୀ । କୁହାଯାଏ, ଧୃଷ୍ଟଦ୍ୟୁମ୍ନ ଧନୁ ଓ ଖଣ୍ଡା ସହ ଜନ୍ମ ହୋଇଥିଲେ । ଅର୍ଥ, ଧୃଷ୍ଟଦ୍ୟୁମ୍ନ ଓ ଦ୍ରୌପଦୀ ଯୌବନ ପ୍ରାପ୍ତ ହୋଇ ଜନ୍ମ ହୋଇଥିଲେ । ସେମାନେ ଯାଆଁଳା ଭାଇଭଉଣୀ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଦୋଳ ଯାତ ଆସିଲା

*ଗୋଲୋକବିହାରୀ ବେହେରା*

ଦୋଳ ଯାତ ଆସିଲା
ନାନା ଜାତିର ଫୁଲ
ମହ ମହ ବାସିଲା
ପ୍ରଜାପତି ଡେଇଁଲା
ଦୋଳ ଯାତ ଅସିଲା ।

କଟିରେ ଘଣ୍ଟି ଘାଗୁଡ଼ି
ହାତରେ ଲଉଡି ବାଡ଼ି
ଗୋପାଳଙ୍କ ଓଗାଳରେ
ଗାଁଆ ସାରା କମ୍ପିଲା
ଦୋଳଯାତ ଅସିଲା ।

ମେଲଣ ପଡ଼ିଆ ସାରା
କେତେ ଦୋକାନ ପସରା
ଅପେରା ନାଚ୍ ଗୀତରେ
ଗାଁଆ ଡୋରା ଦିଶିଲା
ଦୋଳ ଯାତ ଆସିଲା ।

ଘରେ ଘରେ ପିଠାପଣା
ଆରିସା ଉଖୁଡ଼ା ଚଣା
ଛେନା ବରା କାକରାରେ
ଗାଁଆ ସାରା ବାସିଲା
ଦୋଳଯାତ ଅସିଲା ।

ଦୋଳରେ ଦୋଳଗୋବିନ୍ଦ
ବିମାନରେ ବସିଲା
ପଞ୍ଚୁରଙ୍ଗେ ଫଗୁ ଖେଳି
ମେଲଣରେ ହସିଲା
ଦୋଳ ଯାତ ଅସିଲା ।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ, ଷଡ଼ଙ୍ଗୀ, ଢେଙ୍କାନାଳ*
*ମୋ- ୯୯୩୮୩୦୩୦୪୬*

# ଆସି ଅଛି ଦୋଳ ହୋଲି

*କୀର୍ତ୍ତନ ସାହୁ*

ଆସି ଅଛି ଦୋଳ ହୋଲି
ଖେଳିବା ବୁଲିବା
ଗାଇବା ନାଚିବା
ଯେତେ ଆମ ମନ ଖୋଲି ।

ବରଷକେ ଏଇ ପର୍ବ
ଭାରି ଖୁସି ଲାଗେ
ମନେ ପ୍ରେମ ଜାଗେ
ଭରି ଉଠେ ପ୍ରାଣେ ଗର୍ବ ।

ଦୋଳ ମେଲଣ ଯେ ହେବ
କେତେ ଲୋକ ଯୁଟି
ବାଜା ବାଣ ଫୁଟି
କେତେ ଯେ ଆନନ୍ଦ ଦେବ ।

ଦୋଳ ବିମାନରେ ବସି
ଯୁଗଳ ମୂରତି
ରାଧା କୃଷ୍ଣ ପ୍ରୀତି
ଦେଉଥିବେ ଦୁହେଁ ହସି ।

ରଙ୍ଗରେ ହୋଇବ ଖେଳ
ଶାନ୍ତି ଶୃଙ୍ଖଳାରେ
ବୋଳିବା ଦେହରେ
ସାନ ବଡ ହୋଇ ମେଳ ।

ରଙ୍ଗର ପରବ ଇଏ
ସଭିଏଁ ସମାନ
ନୁହେଁ ବଡ ସାନ
ଆମକୁ ଚେତେଇ ଦିଏ ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*



# 'ହୋଇବା କୋଳାକୋଳି'

*ସତ୍ୟବ୍ରତ ସାହୁ*



ବରଷେ ଥରେ ଆସଇ ହୋଲି ରଙ୍ଗ ପସରା ନେଇ
ସଭିଙ୍କୁ କହେ ଖେଳ ଅବିର ସାଥି ସଙ୍ଗାତ ହୋଇ ।୧
ନାଲିଆ, କଳା, ହଳଦୀ, ନୀଳ, ଖଇରା ନାନା ରଙ୍ଗ
ସଭିଙ୍କ ସାଥେ ଖେଳ ମଜାରେ ହୋଇଣ ଏକ ସଙ୍ଗ ।୨
ରାସାୟନିକ ରଙ୍ଗ ନଖେଳି ଅବିର ଖେଳୁଥିବ
ଖେଳ ସମୟେ ଆଖି, କାନ ଓ ପାଟିକୁ ଧ୍ୟାନ ଦେବ ।୩



ରାସାୟନିକ ରଙ୍ଗ ଦେହକୁ ଅଟେ ଅହିତକର
ଅବିର ରଙ୍ଗେ ନଥାଏ ଦୋଷ କରେନା ଅପକାର ।୪
ସଦ୍‌ଭାବନାର ବାରତା ନେଇ ଆସିଛି ପରା ହୋଲି
ଭାଇଚାରାର କାହାଣୀ କହେ ମନୁ ଯିବନି ଭୁଲି ।୫
କା' ସାଥେ ଥିଲେ ବଇରୀ ଭାବ ମନୁ ପାଶୋରି ଦେବ
ସ୍ନେହ ଶ୍ରଦ୍ଧାର ପରବ ହୋଲି ଏକଥା ହେଜିଥିବ ।୬
ହୋଲି ଖେଳର ମଜା ଉଠାଅ ମନରୁ ଭୁଲି କଳି
ସଭିଙ୍କୁ ଡାକି କହିବ ଆସ ହୋଇବା କୋଳାକୋଳି ।୮

*ପଲ୍ଲୀସାହି, କମଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ-୯୩୩୮୧୬୫୬୧୯*

# ଦୋଳ ପୂର୍ଣ୍ଣିମା

*ସୁଧାକର ରାଉତ*



ଚାରିଆଡେ ଉଡ଼ି ବୁଲି ବୁଲି ଯାଇ
କୋଇଲି ହରଷେ କହିଲା
ସଜବାଜ ହୁଏ ଏ ବରଷ ପୁଣି
ଦୋଳ ପରବ ଟି ଆସିଲା ।
ଦୋଳ ବିମାନଟି ସୁସଜ୍ଜିତ ହୋଇ
ଦିଶଇ ଆହାକି ସୁନ୍ଦର
ରାଧାଦାମୋଦର ତହିଁ ଶୋଭାପାନ୍ତି
ଆହାକି ମହିମା ତାଙ୍କର ।
ବାଜି ଉଠିଲାଣି ଭେରୀ ତୂରୀ ଶଙ୍ଖ
ଘଣ୍ଟି ଘଣ୍ଟା ଆଉ କାହାଳୀ
ସହର କି ପଲ୍ଲୀ ଚାରିଆଡେ ଆଜି
ହରଷେ ଉଠଇ ଉଚ୍ଛୁଳି ।
ଘର ଘର ବୁଲି ଶ୍ରୀରାଧାମାଧବ
ଫଗୁ ସଙ୍ଗେ ଢ଼ାଳି ଆଶିଷ
ରଙ୍ଗେଇ ଦିଅନ୍ତି ସବୁରି ମନକୁ
ଦୂର କରି ମନୁ ବିରଷ ।
ଚାଚେରୀ ଭୋଗକୁ ପାଇବା ପାଇଁକି
ଦାମୋଦରଙ୍କର ଶରଧା
ଭକତେ ଜାଣିଣ ଅର୍ପଣ କରନ୍ତି
ମୁରୁକି ହସନ୍ତି ଶ୍ରୀରାଧା ।
ପିଲା ଠାରୁ ବୁଢ଼ା ଭେଦଭାବ ଭୁଲି
ଫଗୁ ଦେହେ ବୋଳି ହୋଇଣ
ରାଧାକୃଷ୍ଣେ ପ୍ରେମେ ନିଜକୁ ହଜାନ୍ତି
ସଂକୀର୍ତ୍ତନ ଗୀତ ଗାଇଣ ।
ଦୋଳ ପୂର୍ଣ୍ଣିମାଟା ଅଟଇ ନିଆରା
ଭକତି ପ୍ରେମର ପ୍ରତୀକ
ମେଳଣରେ ହୁଏ ହୃଦୟ ମିଳନ
ଛୁଟଇ ସ୍ନେହର ମହକ ।
ବସନ୍ତ ବସାଇ ଶୋଭାର ପସରା
ଦିଅଇ ଅପୂର୍ବ ପୁଲକ
ତା ସଙ୍ଗରେ ଦୋଳି ହୋଲି ପର୍ବ ଆସି
ଛୁଆଁଏ କି କାଠି କୁହୁକ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ଆସ ସଭିଏଁ ଖେଳିବା ହୋଲି

*ନଳିନୀ ଦାଶ*



ବସନ୍ତ ଆଣିଛି ରଙ୍ଗର ପସରା
ଆମ୍ରକୁଞ୍ଜେ ଡାକେ କୋଇଲି
ଭେଦଭାବ ଭୁଲି ଏକମନ ହୋଇ
ଆସ ସଭିଏଁ ଖେଳିବା ହୋଲି ।
ବସନ୍ତ ଉତ୍ସବ ରଙ୍ଗ ଅବିରରେ
ଆକାଶେ ହସେ ପୁନେଇଁ ଚାନ୍ଦ
ଦୋଳ ବିମାନରେ ଆସୁଛନ୍ତି ଝୁଲି
ଅବିର ଖେଳି ରାଧା ଗୋବିନ୍ଦ ।
ସୁରଭି ସୁମନେ ବିମାନଟି ସଜା
ରାଧା ମାଧବ ବିଜେ ହେଲେଣି
ଗାଆଁ ଓ ସହରେ ଚାଚେରୀ ଭୋଗରେ
ଅବିରରେ ରଙ୍ଗେଇ ହେଲେଣି ।
ଅଧର୍ମ କୁ ନାଶି ଧର୍ମର ପ୍ରତିଷ୍ଠା
କରିଥିଲେ ପ୍ରଭୁ ବାସୁଦେବ
ହୋଲି ଖେଳକରି ସବୁରି ମନରେ
ଭରିଦେଲେ ସ୍ନେହଁ ସଦ୍ ଭାବ ।
ରାଗ ଈର୍ଷା ହିଂସା ସବୁ ଭୁଲିଯାଇ
ଏକ ଡୋରେ ଏକ ମନରେ ବାନ୍ଧି
ଅମର ପ୍ରେମର ସ୍ମୃତି ରହିଅଛି
ରଙ୍ଗ ଖେଳି ସର୍ବେ ହେଲେ ଛନ୍ଦି ।
ପଳାଶ ଫୁଲରେ ରଙ୍ଗର ଅବିର
ରାଧା ମାଧବ ଖେଳନ୍ତି ବୁଲି
ସେନେହ ଶରଧା ଭାଇଚାରାର ଏ
ପରବ ପରାଟି ଆସିଛି ହୋଲି ।
ହୋଲିକା ଦହନ କରିଥିଲେ ପ୍ରଭୁ
ଅଗ୍ନିରୁ ବଞ୍ଚାଇ ଭକ୍ତ ପ୍ରହ୍ଲାଦକୁ
ମହିଷାସରୁ ବଧି ଦର୍ଶନ ଦେଲେ ସେ
ଚାଚେରୀ ବେଶରେ ଭକତଙ୍କୁ ।
ଚଇତି ବସନ୍ତେ ପ୍ରୀତି ରଙ୍ଗ ବୋଳି
ଆରମ୍ଭ କରିଲେ ରାସଲୀଳା
ବସନ୍ତ ବାସରେ ଫଗୁରଙ୍ଗ ବୋଳି
କରିଥିଲେ କୃଷ୍ଣ ଲୀଳାଖେଳା ।
ପ୍ରଭୂ ଯେ ଶ୍ରୀକୃଷ୍ଣ ସ୍ତନ୍ୟପାନ କରି
ପୁତନା ରାକ୍ଷସୀ ପ୍ରାଣ ନେଲେ
ଗୋପପୁର ବାସୀ ହୋଲି ପରବଟି
ରଙ୍ଗ ଖେଳି ଖୁସି ମନାଇଲେ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

# ରଂଗ ପରବ ହୋଲି

*ରାମଚନ୍ଦ୍ର ବେହେରା*

ବର୍ଷକ ପରେ ଆସିଛି ପରା
ରଂଗ ପରବ ହୋଲି
ଆସରେ ସର୍ବେ ଖେଳିବା ଗର୍ବେ
ରଂଗ ଅବିର ବୋଳି ।
ନାନା ଜାତିର ଅବିର କିଣି
ଖେଳିବା ଆମେ ହୋଲି
ରାସାୟନିକ ରଂଗକୁ ଆମେ
ପରାଣୁ ଯିବା ଭୁଲି ।
ଦୂଷିତ ରଂଗ ଛୁଇଁବା ନାହିଁ
କରିବ ଚର୍ମରୋଗ
ଜୈବିକ ରଂଗ ଅବିର ସହ
ଖେଳିବା ହୋଇ ସଂଗ ।
ଟାଣ ଖରାରେ ଖେଳିବା ନାହିଁ
ହେବାରେ ସଚେତନ
ନଈ ନାଳକୁ ଗାଧୋଇଗଲେ
ରହିବା ସାବଧାନ ।
ସଭିଏଁ ମିଶି ଖେଳିବା ରଂଗ
ଭାଇଚାରାକୁ ମାନି
ଜାଣିଶୁଣିକି କାହାର କିଛି
କରିବା ନାହିଁ ହାନି ।
ଗୁରୁଜନଙ୍କ ପାଦେ ଅବିର
ସରାଗେ ଦେବା ବୋଳି
ପ୍ରଣାମ କରି ଆଶିଷ ମାଗି
ଖେଳିବା ରଂଗ ହୋଲି ।

*ଟେଙ୍ଗୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



# ଆସ ଭାଇ ଆମେ ଜାଗିବା

*ସୁରମା ମିଶ୍ର*

ଆସ ଭାଇ ଆମେ ଜାଗିବା
ଆମ ରାଇଜକୁ କରିବାରେ ଭାଇ
ନିଶାମୁକ୍ତ ଆମେ କରିବା ॥

ବୁଝାଇବା ଯାଇ ସଭିଙ୍କୁ
ଆମେ କେହି ନିଶା ଖାଉନେରେ ଭାଇ
ନିଶା ତ ଖାଉଛି ଆମକୁ ॥

ନିଶାର ଅପକାରିତା
ବୁଝନ୍ତା ଯଦି ଏ ମଣିଷ ସମାଜ
ନଥାନ୍ତା ଆମର ଚିନ୍ତା ॥

କ୍ଷଣିକର ସୁଖ ପାଇଁ
ଧ୍ୱଂସ କରୁଅଛି ନିଜ ଜୀବନକୁ
ବୁଝି ସେ ତ ପାରୁନାହିଁ ॥

ନିଶା କବଳରେ ପଡ଼ି
ହିତାହିତ ଜ୍ଞାନ ଭୁଲି ଯାଉ ଅଛି
ପାରୁନିରେ ତାକୁ ଛାଡ଼ି ॥

ଉଜୁଡ଼ି ଯାଏ ତା ଘର
ସ୍ତ୍ରୀ ପିଲାଛୁଆ ବହୁ କଷ୍ଟ ସହି
ହେଉ ଥାନ୍ତି ନାରଖାର ॥

ନିଶା ନିବାରଣ କେନ୍ଦ୍ର
ଖୋଲିବାରେ ଭାଇ ଆମେ ମିଳିମିଶି
ମନରେ ନ ରଖି ଦ୍ୱନ୍ଦ୍ୱ ॥

ଆମେ ତାଙ୍କୁ ବୁଝାଇବା
କଳେ ବଳେ କୌଶଳେ ସେମାନଙ୍କୁ
ନିଶା ମୁକ୍ତ କରାଇବା ॥

ଶପଥ ଆମେରେ ନେବା
ନିଶାମୁକ୍ତ ସୁସ୍ଥ ସମାଜ ଗଢିଣ
ସଭିଙ୍କୁ ବାରତା ଦେବା ॥

ଲୋକ ହେଲେ ସଚେତନ
ଦୂର ହୋଇବ ଏ ବିଷମ ସମସ୍ୟା
ଖୁସିରେ କାଟିବେ ଦିନ ॥

*ବିଏଲ-୩୯, ଭିଏସଏସ ନଗର,*
*ଭୁବନେଶ୍ୱର*
*ମୋ- ୯୮୫୩୩୪୩୯୬୫*

# ଅଜା ଆଈ ଗଲେ ଦୋଳ ଯାତରା

*କବିତା ଦେବୀ (ମିଶ୍ର)*





ଦୋଳ ଯାତରା ଦେଖି ଯିବା ପାଇଁ
ଅଜା ଆଈ ଦୁହେଁ କଲେ ବିଚାର
ମେଳନ ପଡିଆ ଉଛୁଳି ପଡୁଛି
ବିମାନେ ହସନ୍ତି ଆମ ଠାକୁର ।। (୧)

ଦୋକାନ ବସିଛି ନାନା ରକମର
ଯାତରା ସାରାଟା ଧାଡିକି ଧାଡି
ଆଈ ବୁଲି ବୁଲି ଖୁସିରେ କିଣିଲେ
ଅତର, ସାବୁନ ସିନ୍ଦୂର ଚୂଡ଼ି ।। (୨)

ବରା ତରକାରୀ ରସଗୋଲା କିଣି
ଆନନ୍ଦରେ ଅଜା ଖାଇଲେ ବୁଲି
ଚକିରି ଦୋଳିରେ ଆଈକୁ ବସାଇ
ଘିଁଘିଁରି ହୋଇ ଖେଳିଲେ ଦୋଳି ।। (୩)

ଅଜା ଆଈଙ୍କର ଏତେ ଖୁସି ଦେଖି
ଘେରିଗଲେ ଆସି ନାତି ନାତୁଣୀ
ମାଟି ହାତୀ, ଘୋଡା ରଙ୍ଗ ପିଚକାରୀ
ଉଡନ୍ତା ବେଲୁନ୍ ଦିଅଗୋ କିଣି ।। (୪)

ନାତି ନାତୁଣୀଙ୍କ ଦାବିକୁ ପୂରଣ
ହସି ହସି ସବୁ କରିଲେ ଅଜା
ଖଜା, ମିଠା ସହ ବେଙ୍ଗ ବାଜା କିଣି
ଆଈ ବଜାଇଲେ ଖୁସିରେ ବାଜା ।। (୫)

ରଙ୍ଗ ଅବିରକୁ ଅଜା ଆଈ ମୁହେଁ
ଲୁଚି ବୋଳିଦେଲେ ନାତି ନାତୁଣୀ
ଆଈ ହାତ ଧରି କହିଲେକି ଅଜା
ଏହି ଦିନ କେବେ ଭୁଲିହୁଏନା ।। (୬)

ଯୁଗଳ ମୂରତି ବିମାନରେ ଦେଖି
ଆଖି ଛଳ ଛଳ କରିଲେ ଆଈ
ଆଜି ପରା ଦିନେ ଠାକୁର ଖେଳନ୍ତି
ରଙ୍ଗ ଅବିରକୁ ଦେହେ ଲଗାଇ ।। (୭)

ସବୁଦିନେ ଆସୁ ଏ ଦୋଳ ଯାତରା
ସଭିଙ୍କ ମନରେ ଖେଳୁ ଆନନ୍ଦ
ମିଳିମିଶି ସବୁ ଏକାଠି ରୁହନ୍ତୁ
ଆଶିଷ ଢାଳନ୍ତୁ ରାଧା ଗୋବିନ୍ଦ ।। (୮)

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*
*ମୋ-୯୯୩୭୦୩୩୭୫୦*



# ହୋଲିରେ ହୋଲି

*ଅଶୋକ କୁମାର ପ୍ରଧାନ*

ହୋଲିରେ ହୋଲି
ତୁ ଆସିଛୁ ବୋଲି ଆମ ଗାଆଁକୁ
ଖୁସି ହୁଏ ଶୁଣି ତୋ ନାଆଁକୁ
ତୁ ଆସିବା ଜାଣି ଗାଆଁଠୁ ସହର
ରଙ୍ଗର ଦୋକାନ ଗଲାଣି ଖୋଲି ॥
ହୋଲିରେ ହୋଲି
ଭାରି ନିଆରା ତୁ ରଙ୍ଗ ପରବ
ତୋତେ ପାଳି ଲାଗେ ମନେ ଗରବ
ତୋ ସାଥିରେ ମିଶି କେତେ ହସୁ ନାଚୁ
ତୁ ଖାଲି ମରତେ ଆସିଛୁ ବୋଲି ॥

ହୋଲିରେ ହୋଲି
ଦୋଳ ମଣ୍ଡପରେ ରାଧା ଗୋବିନ୍ଦ
ହୋଲି ଖେଳି ହୋନ୍ତି କେତେ ଆନନ୍ଦ
ତାଙ୍କର କୃପାରୁ ସବୁରି ହୃଦୟେ
ସେନେହ କରୁଣା ଦେ ତୁ ବୋଳି ॥
ହୋଲିରେ ହୋଲି
ଭାଇଚାରା ପର୍ବ ତୁ ଅଟୁ ପରା
ସବୁରି ମୁହେଁ ତୁ ସପନ ଭରା
ଆମେ ଯେତେ ସାଙ୍ଗ ହସୁ ଖେଳୁ ନାଚୁ
ସପନ ସାଗରେ ଖୁସିରେ ଝୁଲି ॥

*(ଶିକ୍ଷକ), ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ*
*ମୋ-୮୨୪୯୧୧୯୧୩୦*





# ହୋଲି ଖେଳରେ ଖୁସି

*କୁଞ୍ଜବିହାରୀ ସାହୁ*

ହୋଲି ଖେଳିଲେ ଟୁକୁନା, ଟୁନି,
ଝୁନା, ସବିର, ବେବିନା, ମୁନି ।
ରଙ୍ଗ ଅବିର ଲଗେଇ ଦେଇ
ମନ ଖୁସିରେ ନାଚିଲେ ଥେଇ ।
ବାଜା ବଜେଇ ଗାଇଲେ ଗୀତ
ସଭିଏଁ ଆଜି ଏକାଠି ମିତ ।
ନାହିଁ ତ ମନେ ରାଗ କି ରୋଷ
ହୋଲି ଖେଳରେ ସଭିଏଁ ତୋଷ ।
ସାହି କି ସାହି ବୁଲିଲେ କେତେ
ରଙ୍ଗ ବୋଳିଲେ ଯାହାକୁ ଯେତେ ।
ଗେଲ-ଆଦର, ଭକତି କଲେ
ଶୁଭ ଆଶିଷ ପାଇଲେ ଭଲେ ।

*ପାତ୍ରପଡ଼ା, ଭୁବନେଶ୍ୱର*
*ମୋ- ୭୦୦୮୧ ୪୨୦୪୦*

# ରଙ୍ଗର ପରବ ହୋଲି

*ସୁହଂସ ଭୋଇ*

ହଳଦୀ କେଶର ନାରଙ୍ଗୀ ସବୁଜ
କିଛି ଲାଲ ଘନନେଳି
ସୁନେଲି ରୁପେଲି ବର୍ଣ୍ଣ ବାଇଗଣୀ
ରଙ୍ଗର ପରବ ହୋଲି
ତହିଁରେ ମିଶିଛି ସେନେହ ଆଦର
ଭାଇଚାରା ଭାବ ପ୍ରତି
ଥରେ ତାର ଛିଟା ଦେହରେ ପଡିଲେ
ରାଗ ରୁଷା ହେବ ଇତି
ସାନ ବଡ ସଭେଁ ଏକାଠି ଖେଳିବା
ଭେଦଭାବ ସବୁ ଭୁଲି
ରଙ୍ଗ ଲାଗିଥାଉ ଦିନ ବିତିଯାଉ
ନ ହେଉ ସହଜେ ଧୋଇ
ମିଳିମିଶି ଚଲୁ ଥିବା ଭାଇ ଭାଇ
ପାଖ ପଡୋଶୀଟି ହୋଇ
ଅତି ଶରଧାରେ ଆପଣା ଭିତରେ
ହେବା ଦେହେ ରଙ୍ଗ ବୋଳି
ପ୍ରଭୁ ବେନି ପାଦେ ଲାଗିବ ଅବିର
ରାଧେ ହାତେ ପିଚକାରୀ
ଆମ ଗାଆଁ ଦାଣ୍ଡ ହେବ ଗୋପପୁର
ଭକତିରେ ଯିବ ଭରି
ହରିବୋଲ ତାଳେ ପଡିବ ଉଛୁଳି
ତା ସହିତେ ହୁଳହୁଳି ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ- ୯୪୩୭୫୨୨୪୫୫*

# ଆସ ହୋଲି ଖେଳିବା

*ନିରଞ୍ଜନ ସାହୁ*

ଆସ ଆସ ଭାଇ ଭଉଣୀ
ଆମେ ଖେଳିବା ହୋଲି
ଭାବିବାନି କେବେ ନିଜକୁ
ଆମେ ଛୋଟିଆ ବୋଲି ।
ଜାତି ଜାତି ରଙ୍ଗ ଅବିର
ଆମେ ଆଣିବା ଯାଇ
ଆନନ୍ଦ ମନରେ ଖେଳିବା
ହୋଲି ଗୀତକୁ ଗାଇ ।
ପିଚକାରୀ ଆମେ ମାରିବା
ଦେହେ ବୋଳିବା ରଙ୍ଗ
ସତରେ ବିଚିତ୍ର ଦିଶିବ
ଆମ ସୁନ୍ଦର ଅଙ୍ଗ ।



ଦ୍ୱାପର ଯୁଗରେ ଗୋପରେ
ଗୋପୀଗୋପାଳ ସଙ୍ଗେ
କୃଷ୍ଣ ଖେଳୁଥିଲେ ଅବିର
ରସି ଆପଣା ଢଙ୍ଗେ ।
ବସନ୍ତକାଳୀନ ରାହାସ
ସାରା ଜଗତ ଜାଣେ
ଦୋଳ ପୂର୍ଣ୍ଣିମାର ବାସିରେ
ହୋଲି ଆନନ୍ଦ ଆଣେ ।
ଫଗୁଣରେ ଫଗୁ ଉତ୍ସବ
ହୋଲି ନାମରେ ଗଣା
ଖୁସି ଆନନ୍ଦରେ ଖେଳିବା
ମନ ନକରି ଊଣା ।



ବ୍ୟବହାର କରିବାନି ଯେ
ରାସାୟନିକ ରଙ୍ଗ
ଯଦି କିଏ ଏହା ଆଣିବ
ହେବ ନିୟମ ଭଙ୍ଗ ।
ଭାଇଚାରା ରଖି ବଜାୟ
ଆମେ ଖେଳିବା ଖେଳ
ଜାତି -ଧର୍ମ - ବର୍ଣ୍ଣ ଭୁଲିକି
ଆମେ ହୋଇବା ମେଳ ।
ରଙ୍ଗ ମାରିବାନି ଆଖିରେ
ଆଖି ଖରାପ ହେବ
ହୋଲି ଖେଳ ବେଳେ ନିଶ୍ଚୟ
ଧ୍ୟାନ ଆଖିକୁ ଦେବ ।
ରଙ୍ଗର ପରବ ଅଟଇ
ହୋଲି ଏକଥା ଜାଣି
ଆସ ସାଙ୍ଗସାଥି ଖେଳିବା
ଖୁସି ମନରେ ଆଣି ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଯେବେ ରଙ୍ଗରେ ରଙ୍ଗ ମିଶିଯାଏ...



ନଗେନ୍ଦ୍ର ନାଥ ପଟ୍ଟନାୟକ

ଲାଲମୁହାଁ ଓ କଳାମୁହାଁ ମାଙ୍କଡ ଭିତରେ ଭିନ୍ନତା ଥିବାରୁ ଏଥର ଜଙ୍ଗଲର ଜୀବଜନ୍ତୁଙ୍କୁ ଦୁଇଟି ଜାଗାରେ ଖେଳିବାକୁ ପଡିଥିଲା । ଢୋଲ, ମୃଦଙ୍ଗ ଓ ହାତରେ ପିଚକାରି ଧରି ଜଙ୍ଗଲର ମହାରାଜା ସିଂହ ଅନ୍ୟ ବଣଜନ୍ତୁଙ୍କ ସାଙ୍ଗରେ ନାଚିଗାଇ ପହଁଚିଗଲା ଏକ ବିରାଟ ପଡିଆ କଡରେ । ସେଇଠି ମିଠେଇ, ରଙ୍ଗ ଓ ପାଣିର ବ୍ୟବସ୍ଥା କଳାମୁହାଁ ମାଙ୍କଡମାନେ କରିଦେଇଥିଲେ ।

ସେଠିକାର ହାଲତ୍ ଦେଖି ସିଂହ ଗର୍ଜିଉଠିଲା: 'ମଂଟୁ ! ତୁମେମାନେ ଏ କଣ କଲ ... ? କେବଳ ରଙ୍ଗ ଅଛି, ପାଣି ନାହିଁ ... ହୋଲି କେମିତି ଖେଳିବି ?'

ଥଙ୍ଗଥଙ୍ଗ ହେଇ ମଂଟୁ କହିଲା- 'କ୍ଷମାକରନ୍ତୁ ମଣିମା, ଆମେ କାଲି ଦିନସାରା ବହୁତ ମେହନତ୍ କଲୁ; ଆପଣ ତ ଜାଣନ୍ତି ଏଠୁ ନଈ ବହୁତ ଦୂର । ସେଠୁ ପାଣି ନେଇ ଆସିଲୁ, ହେଲେ ସକାଳେ ଦେଖିଲା ବେଳକୁ ଡ୍ରମ୍‌ଟି ପୂରା ଖାଲି । ଯାଞ୍ଚ କଲାବେଳକୁ ଦେଖାଗଲା ଡ୍ରମ୍ ଭିତରେ ଛୋଟ ଛୋଟ କଣା ଅଛି । ସେ କଣା ଦେଇ ପାଣିତକ ଝରିଯାଇଛି । ହୋଲି ଖେଳିବା ପାଇଁ ବଣଜନ୍ତୁ ଦଳ ପଡିଆର ଅନ୍ୟ କଡରେ ପହଁଚିଗଲେ । ସେଠି ମଧ୍ୟ ସେମିତି ହାଲତ୍ । ଫରକ୍ କେବଳ ଏତିକି-ଏଠି ପାଣିଅଛି, କିନ୍ତୁ ରଙ୍ଗ ନାହିଁ ଏହା ଦେଖି ସିଂହ ରାଗିପାଚି ନିଆଁ । ତମ୍‌ତମ୍ ହୋଇକହିଲା- 'ଚିଂଟୁ! ଖାଲି କଣ ପାଣିରେ ହୋଲି ଖେଳିବି ... ରଙ୍ଗ କାହିଁ ?'

ଅତି କରୁଣ ସ୍ୱରରେ ଚିଂଟୁ କହିଲା- 'ମାଫ୍‌କରନ୍ତୁ ମହାରାଜ ! ଆଜି ବଜାର ବନ୍ଦ ରହିଚି । ତେଣୁ ଆମେ ଗତକାଲି ପଡିଆରେ ପାଣି ସହିତ ଥାଳି ଥାଳି ରଙ୍ଗ ସଜିଲ କରି ରଖି ଦେଇଥିଲୁ; କିନ୍ତୁ ରାତିରେ ଭୟଙ୍କର ବେଗରେ ପବନ ବହିଲା, ଏଣୁ ସବୁତକ ରଙ୍ଗ ଉଡିଯାଇ ଏଣେତେଣେ ବିଛେଇ ହୋଇପଡିଲା । ଦେଖନ୍ତୁ, ଜଙ୍ଗଲ ଚାରିଆଡେ ରଙ୍ଗ ବିଛେଇ ହୋଇପଡିଛି । ହୋଲି ଖେଳିନପାରି ଆମ ସମସ୍ତଙ୍କୁ ବହୁତ ଦୁଃଖ ଲାଗୁଛି ।'

ଶେଷକୁ ସିଂହ ରାଜା ହୁକୁମ୍ ଦେଲେ- 'ପ୍ରିୟବନ୍ଧୁଗଣ ! ଆଜି ଆମର ରଙ୍ଗଭରା ସ୍ନେହ ଓ ମିଳନର ଖୁବ୍‌ସୁନ୍ଦର ପର୍ବ ହୋଲି । ହୋଲି ଯେ ଖେଳିବାନି - ଏ କଥା କଣ ହୋଇପାରେ ... ତୁମେମାନେ ଅଧେ ଅଧେ ଦୁଇ କଡକୁ ଚାଲିଯାଅ । ଗୋଟିଏ କଡରୁ ପାଣି ଓ ଅନ୍ୟ କଡରୁ ରଙ୍ଗନେଇ ଏଇ ମଝି ପଡିଆକୁ ଆସ । ଏଇଠି ହୋଲି ଖେଳିବା ।' ଦେଖୁ ଦେଖୁ ସବୁ ଜନ୍ତୁଙ୍କ ନିରୀହ ମୁହଁରେ ଖୁସିର ଲହରୀ ଖେଳିଗଲା । ମାଙ୍କଡଙ୍କ ଛଡା ସବୁ ଜୀବଜନ୍ତୁ ରଙ୍ଗ ଓ ପାଣି ନେଇ ପୂରା ଉତ୍ସାହ ଓ ଉଦ୍ଦୀପନାର ସହିତ ଧାଁ-ଦଉଡ କରି ପରସ୍ପର ସହିତ ରଙ୍ଗ ଖେଳି ଆନନ୍ଦିତ ହେଉଥିଲେ । ଏଣେ ମାଙ୍କଡମାନେ କିଛି ସମୟ ପାଇଁ ନିଜକୁ ସମ୍ଭାଳି ରଖିଲେ । ଭାବିଲେ ଶତ୍ରୁର ରଙ୍ଗ ଓ ପାଣିରେ କଣ ହୋଲି ଖେଳାଯାଏ ? କିନ୍ତୁ ଖୁବ୍ ସୁନ୍ଦର ମଜାମସ୍ତିର ଦୃଶ୍ୟ ଦେଖି ସେମାନଙ୍କ ହୃଦୟ ଆନ୍ଦୋଳିତ ହେଲା । ତା' ପରେ ଗୋଟି ଗୋଟିକରି ମାଙ୍କଡ ହୋଲି ପଡିଆରେ ହାଜର ।

ସମସ୍ତେ ପରସ୍ପର ଭିତରେ ଏତେ ରଙ୍ଗ ବୋଳାବୋଳି ହେଲେ ଯେ ଲାଲମୁହାଁ ଓ କଳାମୁହାଁ ମାଙ୍କଡଙ୍କ ରଙ୍ଗ ଏକାକାର ହୋଇଗଲା । ଦୁହେଁ ପରସ୍ପରକୁ ଚିହ୍ନିପାରି ନଥିଲେ । କେଉଁ ମାଙ୍କଡ ଅନ୍ୟ କେଉଁ ମାଙ୍କଡ ଉପରେ ରଙ୍ଗ ଢାଳୁଥିଲା ଜାଣିହେଉନଥିଲା । ଶେଷକୁ ସବୁ ମାଙ୍କଡ ଏକ ହୋଇଗଲେ । ଏହା ଦେଖି ସିଂହ ମହାରାଜା ଓ ଅନ୍ୟ ଜୀବଜନ୍ତୁମାନେ ଖୁବ୍ ତାଳିମାରିଲେ ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓଙ୍କାରସିଟି, ଲେନ୍ ନଂ-୯, ପ୍ଲଟ୍ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲ୍ ରୋଡ୍, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# ଆଇସିସି ର୍ୟାଙ୍କିଂ : ବିରାଟଙ୍କୁ ପଛରେ ପକାଇଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**

ଆଇସିସି ବୁଧବାର ଅପଡେଟ୍ ର୍ୟାଙ୍କିଙ୍ଗ୍ ପ୍ରକାଶ କରିଛି । ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ୭୬ ରନର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ର୍ୟାଙ୍କିଙ୍ଗ୍‌ରେ ଲାଭ ମିଳିଛି । ସେ ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି । ଶୁବମନ ଗିଲ୍ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ତଥାପି ବିରାଟ କୋହଲିଙ୍କ ର୍ୟାଙ୍କିଙ୍ଗ୍‌ରେ କ୍ଷତି ହୋଇଛି । ସ୍ପିନ ବୋଲର କୁଲଦୀପ ଯାଦବ ଏବଂ ରବିନ୍ଦ୍ର ଜାଡ଼େଜା ମଧ୍ୟ ଶ୍ରେଷ୍ଠ ୧୦ ବୋଲରଙ୍କ ମଧ୍ୟରେ ସାମିଲ ହୋଇଛନ୍ତି । ଶୁବମନ ଗିଲ ୭୮୪ ରେଟିଂ ପଏଣ୍ଟ ସହିତ ତାଙ୍କର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ପାକିସ୍ତାନୀ ବ୍ୟାଟ୍ସମ୍ୟାନ ବାବର ଆଜମ ୭୭୦ ରେଟିଂ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ରୋହିତ ଶର୍ମା ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରୁ ତୃତୀୟ ସ୍ଥାନକୁ ଯାଇଛନ୍ତି । ତାଙ୍କୁ ଫାଇନାଲରେ ୭୬ ରନର ଇନିଂସ ଖେଳିବାର ଲାଭ ମିଳିଥିଲା । ଏହି ଇନିଂସ ପାଇଁ ସେ ଫାଇନାଲରେ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ମଧ୍ୟ ପାଇଥିଲେ । ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ବିରାଟ କୋହଲି ୨ବଲରୁ ୧ ରନ କରି ଆଉଟ୍ ହୋଇଥିଲେ । କୋହଲି ଆଇସିସି ର୍ୟାଙ୍କିଙ୍ଗରେ ଗୋଟିଏ ସ୍ଥାନ ହରାଇଛନ୍ତି, ସେ ଚତୁର୍ଥ ସ୍ଥାନରୁ ପଞ୍ଚମ ସ୍ଥାନକୁ ଖସି ଆସିଛନ୍ତି । ତାଙ୍କର ୭୩୬ ରେଟିଂ ପଏଣ୍ଟ ରହିଛି । ଭାରତୀୟ ସ୍ପିନର କୁଲଦୀପ ଯାଦବଙ୍କୁ ମଧ୍ୟ ଆଇସିସି ର୍ୟାଙ୍କିଙ୍ଗରେ ଲାଭ ମିଳିଛି । ସେ ୬୫୦ ରେଟିଂ ପଏଣ୍ଟ ସହିତ ତିନି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି । ପୂର୍ବରୁ ସେ ଷଷ୍ଠ ସ୍ଥାନରେ ଥିଲେ ।

# ଡବ୍ଲୁଟିସି ଫାଇନାଲ୍‌ରେ ଭାରତ ନପହଞ୍ଚିବା ଯୋଗୁ ୪୫ କୋଟି କ୍ଷତି ସହିବ ଇଂଲଣ୍ଡର ଲର୍ଡସ

**ନୂଆଦିଲ୍ଲୀ**

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ (ଡବ୍ଲୁଟିସି) ଫାଇନାଲରେ ମୁହାଁମୁହିଁ ହେବେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା । ଜୁନ ୧୧ରୁ ୧୫ ତାରିଖ ଯାଏ ଫାଇନାଲ ମ୍ୟାଚ୍ ଲଣ୍ଡନର ଐତିହାସିକ ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ଭାରତ ଡବ୍ଲୁଟିସିର ଫାଇନାଲ କ୍ରମାଗତ ତୃତୀୟ ପାଇଁ ଖେଳିବା ଦୌଡ଼ରେ ରହିଥିଲା । କିନ୍ତୁ ଅଷ୍ଟ୍ରେଲିଆ ଠାରୁ ଦଳ ୧-୩ରେ ବର୍ଡର-ଗାଭାସ୍କର ଟ୍ରଫି ହାରିଯିବାରୁ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛି । ଭାରତ ବର୍ଡର-ଗାଭାସ୍କର ଟ୍ରଫି ହାରି ଯିବାରୁ ଏବେ ଅଷ୍ଟ୍ରେଲିଆ ସହ ଦକ୍ଷିଣ ଆଫ୍ରିକା ପ୍ରଥମଥର ଡବ୍ଲୁଟିସି ଫାଇନାଲ ଖେଳିବାକୁ ଯାଉଛି ।

୨୦୨୩ ଡବ୍ଲୁଟିସି ଫାଇନାଲରେ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଭାରତକୁ ହରାଇ ଚାମ୍ପିୟନ ହୋଇଥିଲା । ଏବେ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ ଖେଳିବାକୁ ଯାଉଛି । ଲର୍ଡସ ପ୍ରଥମଥର ପାଇଁ ଡବ୍ଲୁଟିସି ଫାଇନାଲ ଆୟୋଜନ କରୁଥିବା ବେଳେ ଏମସିସି ୪ ମିଲିୟନ ପାଉଣ୍ଡ ବା ୪୫.୦୮ କୋଟି ଟଙ୍କାର କ୍ଷତି ସହିବାକୁ ଯାଉଛି । କାରଣ ଭାରତ ଫାଇନାଲ ଖେଳୁ ନଥିବାରୁ ଦର୍ଶକମାନେ ମ୍ୟାଚ୍ ପ୍ରତି ସେତେଟା ଆଗ୍ରହ ଦେଖାଉ ନାହାନ୍ତି । ଭାରତ




ଫାଇନାଲ ଯାଇ ନଥିବାରୁ ଟିକେଟ ବିକ୍ରି ଉପରେ ଏହାର ପ୍ରଭାବ ପଡ଼ିଥିବା ଜଣାପଡ଼ିଛି ।

ରିପୋର୍ଟ ଅନୁସାରେ, ଏମସିସି ଆଶା କରିଥିଲା ଯେ ଭାରତ ଓ ଅଷ୍ଟ୍ରେଲିଆ ଫାଇନାଲ ଖେଳିବେ । ତେଣୁ ଲର୍ଡସର ଟିକେଟ ଦାମ ବେଶ୍ ଅଧିକ ରଖାଯାଇଥିଲା । କାରଣ ଭାରତର ମ୍ୟାଚ୍ ବେଳେ ଟିକେଟର ଚାହିଦା ଅଧିକ ରହିବ । ଏଥିପାଇଁ ପ୍ରିମିୟମ ରେଟ୍‌ରେ ଟିକେଟଗୁଡ଼ିକ ବିକ୍ରି କରି ଏମସିସି ଅଧିକ ଆୟ କରିବାକୁ ଲକ୍ଷ୍ୟ ରଖିଥିଲା । କିନ୍ତୁ ଭାରତ ଫାଇନାଲରୁ ବଞ୍ଚିତ ହେବାରୁ ଟିକେଟ ପ୍ରତି ଲୋକମାନେ ମୁହଁ ବୁଲାଉଛନ୍ତି । ଟିକେଟ ବିକ୍ରି ହେଉ ନଥିବାରୁ ଏମସିସି ବାଧ ହୋଇ ଏହାର ଦାମ୍ ହ୍ରାସ କରିବାରେ ଲାଗିଛି । ଏଥିଯୋଗୁ ଏମସିସି ପୂର୍ବରୁ କରିଥିବା ଆୟ ଯୋଜନା ଗଭୀର ଭାବେ ପ୍ରଭାବିତ ହୋଇଛି ।

ସୂତ୍ର ଅନୁସାରେ, ଏମସିସି ପୂର୍ବାପେକ୍ଷା ଡବ୍ଲୁଟିସି ଫାଇନାଲରେ ଟିକେଟ ଦାମ୍ ୫୦ ପାଉଣ୍ଡ ବା ୫୬୩୩ ଟଙ୍କା ହ୍ରାସ କରିଛି । ଏପରି କରି ଏମସିସି ମ୍ୟାଚ୍ ଦିନ କେମିତି ଲର୍ଡସ ଷ୍ଟାଡିୟମରେ କୌଣସି ସିଟ୍ ଫାଙ୍କା ନ ରହିବ, ସେକଥାକୁ ନିଶ୍ଚିତ କରିବାକୁ ଚାହୁଁଛି । ଏବେ ଟିକେଟଗୁଡ଼ିକୁ ୪୦ରୁ ୯୦ ପାଉଣ୍ଡ ମଧ୍ୟରେ ବିକ୍ରି କରାଯାଉଛି । ପୂର୍ବ ତୁଳନାରେ ଏହା ୫୦% ଶସ୍ତା ହୋଇଛି । ଏମସିସି ଶସ୍ତାରେ ଟିକେଟ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିବାରୁ ପ୍ରାୟ ୪୫ କୋଟି ଟଙ୍କାର କ୍ଷତି ସହିବ ବୋଲି ଜଣାପଡ଼ିଛି । ଯଦି ଭାରତ ଫାଇନାଲ ଯାଇଥାଆନ୍ତା, ତା'ହେଲେ ଏମସିସି ଟିକେଟଗୁଡ଼ିକୁ ପ୍ରିମିୟମ ରେଟ୍‌ରେ ବିକ୍ରି କରି ଅଧିକ ୪୫.୦୮ କୋଟି ଟଙ୍କା ଆୟ କରିଥାଆନ୍ତା ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଲର୍ଡସରେ ଭାରତ ଓ ଇଂଲଣ୍ଡ ଜୁଲାଇ ମାସରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିବେ । ଏଥିପାଇଁ ଏବେ ଠାରୁ ଟିକେଟ ବିକ୍ରି ହେଲାଣି । ଉକ୍ତ ଟେଷ୍ଟର ପ୍ରଥମ ୪ ଦିନର ଟିକେଟ ବିକ୍ରି ଶେଷ ହୋଇଯାଇଛି । ଏହାକୁ ଏମସିସି ପ୍ରିମିୟମ ରେଟରେ ବିକ୍ରି କରିଛି କି ନାହିଁ, ସେକଥା ଜଣାପଡ଼ିନି । କିନ୍ତୁ ଟିକେଟର ଚାହିଦା ଅଧିକ ରହିଥିବା ଜଣାପଡ଼ିଛି । ଏଥିପାଇଁ କ୍ରିକେଟ ପ୍ରେମୀ ଏବେଠାରୁ ଜୁଲାଇ ଟେଷ୍ଟର ପ୍ରଥମ ୪ ଦିନର ଟିକେଟ କିଣି ନେଇଛନ୍ତି ।

# ଟେଷ୍ଟ ଓ ଟି-୨୦ ପରେ ଦିନିକିଆରୁ ସନ୍ନ୍ୟାସ ନେଲେ ଅନୁଭବୀ କ୍ରିକେଟର ମହମୁଦୁଲ୍ଲା

**ନୂଆଦିଲ୍ଲୀ**




ବାଂଲାଦେଶର ଅନୁଭବୀ ବ୍ୟାଟର ମହମୁଦୁଲ୍ଲା ବୁଧବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି । ମହମୁଦୁଲ୍ଲା ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ନିଜର ନିଷ୍ପତ୍ତି ବିଷୟରେ ଜଣାଇଛନ୍ତି । ୩୯ ବର୍ଷୀୟ ଏହି ଖେଳାଳି ୨୦୨୧ରେ ଟେଷ୍ଟ ଓ ୨୦୨୪ରେ ଟି-୨୦ ଅନ୍ତର୍ଜାତୀୟରୁ ଅବସର ଗ୍ରହଣ କରିଥିଲେ । ଏବେ ଚାମ୍ପିଅନ୍ସ ଟ୍ରଫି ପରେ ସେ ଦିନିକିଆ କ୍ରିକେଟ୍‌ରୁ ମଧ୍ୟ ସନ୍ନ୍ୟାସ ଘୋଷଣା କରିଛନ୍ତି ।

ମୁସଫିକର ରହିମ, ଶାକିବ ଅଲ ହସନ ଓ ତମିମ୍ ଇକବାଲଙ୍କ ପରେ ବାଂଲାଦେଶ ପାଇଁ ଚତୁର୍ଥ ସର୍ବାଧିକ ରନ ହାସଲକାରୀ ବ୍ୟାଟର । ମହମୁଦୁଲ୍ଲା ୩୬.୪୬ ହାରରେ ୫,୬୮୯ ରନ କରିଛନ୍ତି, ଯେଉଁଥିରେ ୪ ଶତକ ଓ ୩୨ ଅର୍ଦ୍ଧଶତକ ସାମିଲ୍ । ଏହା ପୂର୍ବରୁ ମୁସଫିକର ରହିମ ମଧ୍ୟ ଦିନିକିଆ କ୍ରିକେଟ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ । ୫୦ଟି ଟେଷ୍ଟର ୯୪ ଇନିଂସରୁ ସେ ୫ ଶତକ ଓ ୧୬ ଅର୍ଦ୍ଧଶତକ ସହ ୨୯୧୪ ରନ କରିଛନ୍ତି । ସେହିପରି ୧୪୧ ଟି-୨୦ ଅନ୍ତର୍ଜାତୀୟରୁ ୨୪୪୩ ରନ କରିଛନ୍ତି । ମହମୁଦୁଲ୍ଲା ନିଜର ଫେସ୍‌ବୁକ୍‌ରେ ଲେଖିଛନ୍ତି, ସବୁ ପ୍ରଶଂସା କେବଳ ଆଲ୍ଲାଙ୍କ ପାଇଁ । ମୁଁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେବାକୁ ନିଷ୍ପତ୍ତି ନେଇଛି । ମୁଁ ନିଜର ସମସ୍ତ ସାଥୀ, କୋଚ୍ ଓ ବିଶେଷ କରି ନିଜର ପ୍ରଶଂସକଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେଉଁମାନେ ସର୍ବଦା ମୋର ସମର୍ଥନ କରିଛନ୍ତି । ମୋର ମାତା-ପିତା, ଶ୍ୱଶୁର ଏବଂ ସବୁଠୁ ବଡ଼ ମୋର ଭାଇ ଇମଦାଦ ଆଲ୍ଲାଙ୍କୁ ବହୁତ ବହୁତ ଧନ୍ୟବାଦ ।

# ଆଇପିଏଲ-୨୦୨୫ : ଅଧିନାୟକ ଅଫରକୁ ମନା କଲେ କେଏଲ୍ ରାହୁଲ

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫିରୁ ଫେରିବା ପରେ କେଏଲ୍ ରାହୁଲ ଅଧିନାୟକତ୍ୱକୁ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାହୁଲ ଆଇପିଏଲ୍ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ତେବେ ଦିଲ୍ଲୀ କ୍ୟାପିଟାଲ୍ସ ଫ୍ରାଞ୍ଚାଇଜ ରାହୁଲଙ୍କୁ ଅଧିନାୟକ ପଦ ପ୍ରସ୍ତାବ ଦେଇଥିଲା, ଯାହାକୁ ସେ ଗ୍ରହଣ କରିବାକୁ ମନା କରିଦେଇଥିବା ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ, କେଏଲ୍ ରାହୁଲ ଅଧିନାୟକତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଥିଲେ ଯେ ସେ ଜଣେ ଖେଳାଳି ଭାବରେ ଦଳରେ ଅଧିକ ଅବଦାନ ଦେବାକୁ ଚାହାନ୍ତି । ଏଣୁ ଅକ୍ଷର ପଟେଲ ଦିଲ୍ଲୀ ଫ୍ରାଞ୍ଚାଇଜର କମାଣ୍ଡ ନେଇପାରନ୍ତି



ବୋଲି ଆଲୋଚନା କରାଯାଉଛି ।

ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ୍ ୨୦୨୫ ମେଗା ନିଲାମରେ କେଏଲ ରାହୁଲଙ୍କୁ ୧୪ କୋଟି ଟଙ୍କା ଦେଇ କିଣିଥିଲା । ରାହୁଲଙ୍କର ପୂର୍ବରୁ ଆଇପିଏଲରେ ଅଧିନାୟକତ୍ୱ କରିବାର ଅଭିଜ୍ଞତା ଅଛି । ୨୦୨୦-୨୧ ମସିହାରେ ସେ ପଞ୍ଜାବ କିଙ୍ଗ୍‌ସର ଅଧିନାୟକ ଥିଲେ ଏବଂ ୨୦୨୨ ରୁ ୨୦୨୪ ପର୍ଯ୍ୟନ୍ତ ସେ ଲକ୍ଷ୍ନୌ ସୁପରଜାଏଣ୍ଟ୍‌ସର ଅଧିନାୟକ ଥିଲେ । ଏପରି ପରିସ୍ଥିତିରେ, ଯେତେବେଳେ ସେ ଦିଲ୍ଲୀରେ ଯୋଗ ଦେଇଥିଲେ, ଅଧିନାୟକତ୍ୱ ଦୌଡ଼ରେ ତାଙ୍କ ନାମ ସବୁଠାରୁ ଆଗରେ ଥିଲା । କିନ୍ତୁ ବର୍ତ୍ତମାନ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଉଛି ଯେ ସେ କେବଳ ଜଣେ ଖେଳାଳି ଭାବରେ ଖେଳିବାକୁ ଚାହୁଁଛନ୍ତି, ରାହୁଲଙ୍କ ଏହି ନିଷ୍ପତ୍ତି ଦିଲ୍ଲୀ ପାଇଁ ମଧ୍ୟ କାମ କରିପାରିବ । ରାହୁଲ ଆଇପିଏଲରେ ସବୁଠାରୁ ସ୍ଥିର ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କ ମଧ୍ୟରୁ ଜଣେ । ସେ ୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ ଖେଳାଯାଇଥିବା ୭ଟି ଆଇପିଏଲ ସିଜିନ ମଧ୍ୟରୁ ୬ଟିରେ ୫୦୦ କିମ୍ବା ତା'ଠାରୁ ଅଧିକ ରନ କରିଛନ୍ତି ।

ଯଦି ରାହୁଲ ଅଧିନାୟକ ନୁହଁନ୍ତି, ତେବେ ଅକ୍ଷର ଅଧିନାୟକ ହେବା ନିଶ୍ଚିତ ମନେ ହେଉଛି । କିନ୍ତୁ ସମସ୍ୟା ହେଉଛି ଯେ ରାହୁଲଙ୍କ ପରି ତାଙ୍କର ଆଇପିଏଲରେ ଅଧିନାୟକତ୍ୱର ଅଭିଜ୍ଞତା ନାହିଁ । ଜଣେ ଖେଳାଳି ଭାବରେ, ସେ ବ୍ୟାଟ ଏବଂ ବଲ ଉଭୟରେ ନିଜକୁ ଅନେକ ଥର ପ୍ରମାଣିତ କରିଛନ୍ତି । କିନ୍ତୁ ତାଙ୍କୁ ଏବେ ଜଣେ ଅଧିନାୟକ ଭାବରେ ନିଜକୁ ପ୍ରମାଣ କରିବାକୁ ପଡ଼ିବ । ହୁଏତ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ଏପରି କରିବାର ସୁଯୋଗ ଦେଇପାରେ ।

# ଇନଷ୍ଟାଗ୍ରାମରେ କୋହଲିଙ୍କ ରେକର୍ଡ ଭାଙ୍ଗିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଚାମ୍ପିୟନ୍ସ ଟ୍ରଫିରେ ବ୍ୟାଟ୍ ଏବଂ ବଲ୍ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ । ସେ କ୍ରିକେଟ ପଡ଼ିଆରେ ଅନେକ ରେକର୍ଡ କରିଛନ୍ତି କିନ୍ତୁ ଏବେ ସେ ସୋସିଆଲ ମିଡିଆରେ ମଧ୍ୟ ଏକ ବଡ଼ ରେକର୍ଡ କରିଛନ୍ତି । ସେ ଏକ ଇନଷ୍ଟାଗ୍ରାମ ପୋଷ୍ଟ କରିଥିଲେ, ଯେଉଁଥିରେ କିଛି ମିନିଟ ମଧ୍ୟରେ ଲାଇକ୍ ସଂଖ୍ୟା ଲକ୍ଷ ଲକ୍ଷରେ ପହଞ୍ଚି ଯାଇଥିଲା । ଏହି ସମୟରେ, ସେ ବିରାଟ କୋହଲିଙ୍କ ଏକ ବଡ଼ ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି । ଫାଇନାଲ ଜିତିବା ପରେ, ହାର୍ଦ୍ଦିକ ପାଣ୍ଡ୍ୟା ଚାମ୍ପିୟନ୍ସ ଟ୍ରଫି ସହିତ ପିଚ୍‌କୁ ଯାଇଥିଲେ, ସେ ଅକ୍ଷର ପଟେଲଙ୍କୁ ତାଙ୍କ ସହିତ ନେଇଥିଲେ ଯାହାଫଳରେ ସେ ତାଙ୍କର ଫଟୋ ଉଠାଇପାରିବେ । ଏହି ସମୟ ମଧ୍ୟରେ ଅନେକ କ୍ୟାମେରାମ୍ୟାନ ମଧ୍ୟ ସେଠାରେ ପହଞ୍ଚିଥିଲେ । ପାଣ୍ଡ୍ୟା ପିଚ୍‌ରେ ଟ୍ରଫି ସହିତ ତାଙ୍କର ପ୍ରତିଷ୍ଠିତ ପୋଜ ଦେଇଥିଲେ, ଯାହା ସେ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ମଧ୍ୟ ଦେଇଥିଲେ । ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ପୋଷ୍ଟକୁ ମାତ୍ର ୬ ମିନିଟରେ ୧ ମିଲିୟନ ଲାଇକ ମିଳିଛି, ଏହା ଏକ ନୂତନ ରେକର୍ଡ ପାଲଟିଛି । ପୂର୍ବରୁ, ଇନଷ୍ଟାଗ୍ରାମରେ ଦ୍ରୁତତମ ୧ ନିୟୁତ ଲାଇକ ପାଇଁ ରେକର୍ଡ ବିରାଟ କୋହଲିଙ୍କ ପୋଷ୍ଟ ନାମରେ ଥିଲା । ଟି-୨୦ ବିଶ୍ୱକପ ଜିତିବା ପରେ ତାଙ୍କ ପୋଷ୍ଟକୁ ୭ ମିନିଟରେ ୧୦ ଲକ୍ଷ ଲାଇକ୍ ମିଳିଥିଲା ।

# ଚାମ୍ପିୟନ୍ସ ଟ୍ରଫି ଜିତିବା ପରେ ମାଲାମାଲ ହେଲେ ଗମ୍ଭୀର !



**ନୂଆଦିଲ୍ଲୀ**

୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ, ଭାରତୀୟ କ୍ରିକେଟ ଟିମ୍ ଉପରେ ଟଙ୍କାର ବର୍ଷା ହୋଇଥିଲା । ଦୁବାଇରେ ଖେଳାଯାଇ ଥିବା ଫାଇନାଲରେ ଭାରତ ନ୍ୟୁଜିଲାଣ୍ଡକୁ ୪ ୱିକେଟରେ ପରାସ୍ତ କରିଥିଲା ଟିମ୍ ଇଣ୍ଡିଆ । ଏହା ପରେ ଆଇସିସି ଟିମ୍ ଇଣ୍ଡିଆ ପାଇଁ ଟଙ୍କାର ପେଡ଼ି ଖୋଲିଦେଲା । ଭାରତୀୟ ଦଳ ସହିତ ନ୍ୟୁଜିଲାଣ୍ଡ ଦଳକୁ ମଧ୍ୟ କୋଟି କୋଟି ଟଙ୍କାର ପୁରସ୍କାର ରାଶି ମିଳିଛି । ଗତ ଥର ତୁଳନାରେ ଆଇସିସି ଚାମ୍ପିଅନ୍ସ ଟ୍ରଫିର ପୁରସ୍କାର ରାଶି ୫୩ ପ୍ରତିଶତ ବୃଦ୍ଧି କରିଛି । ବିଜୟ ପରେ ଭାରତୀୟ ଦଳକୁ ୨.୪ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ୧୯.୫ କୋଟି ଟଙ୍କା) ମିଳିଥିଲା । କେବଳ ଏତିକି ନୁହେଁ, ପରାଜିତ ନ୍ୟୁଜିଲାଣ୍ଡ ଦଳକୁ ୧.୧୨ ମିଲିୟନ ଡଲାର (ପ୍ରାୟ ୯.୭୨ କୋଟି ଟଙ୍କା) ପୁରସ୍କାର ରାଶି ଦିଆଯାଇଥିଲା ।

ସେମିଫାଇନାଲରେ ବାଦ୍ ପଡ଼ିଥିବା ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ଦଳଗୁଡ଼ିକୁ ୫୬,୦୦୦ ଡଲାର(୪.୮୬ କୋଟି ଟଙ୍କା) ପୁରସ୍କାର ମିଳିଥିଲା । ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ମୋଟ ପୁରସ୍କାର ରାଶି ଥିଲା ୬.୯ ନିୟୁତ ଡଲାର(ପ୍ରାୟ ୬୦ କୋଟି ଟଙ୍କା) । ଏହି ସମୟରେ, ପ୍ରଶଂସକଙ୍କ ମନରେ ଏକ ପ୍ରଶ୍ନ ଉଠୁଛି ଯେ ଭାରତୀୟ ଦଳ ଟ୍ରଫି ଜିତିବା ପରେ କୋଟି କୋଟି ଟଙ୍କା ପାଇଛି, କିନ୍ତୁ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ବିସିସିଆଇ ପକ୍ଷରୁ କୌଣସି ପୁରସ୍କାର ମିଳିଛି କି ? ୯ ଜୁଲାଇ, ୨୦୨୪ରେ, ଗମ୍ଭୀରଙ୍କୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା ।

ସେ ରାହୁଲ ଦ୍ରାବିଡ଼ଙ୍କ ସ୍ଥାନ ନେଇଥିଲେ । ତାଙ୍କ ନିଯୁକ୍ତି ପରେ, ଭାରତୀୟ ଦଳ ଅନେକ ଉତ୍ଥାନ-ପତନ ଦେଖିଥିଲା । ଦ୍ରାବିଡ଼ଙ୍କ ପ୍ରଶିକ୍ଷଣରେ, ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା । ସେହି ସମୟରେ, ଗମ୍ଭୀର କୋଲକାତା ନାଇଟ ରାଇଡର୍ସକୁ ଆଇପିଏଲ ୨୦୨୪ ଟାଇଟଲ ଦେଇଥିଲେ । ସୂଚନାଯୋଗ୍ୟ, ଗମ୍ଭୀର ବିଶ୍ୱର ସବୁଠାରୁ ଅଧିକ ଦରମା ପାଉଥିବା କ୍ରିକେଟ ପ୍ରଶିକ୍ଷକଙ୍କ ମଧ୍ୟରୁ ଜଣେ । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡରୁ ବାର୍ଷିକ ପ୍ରାୟ ୧୪କୋଟି ଟଙ୍କା ଦରମା ମିଳିଥାଏ । କେବଳ ଏତିକି ନୁହେଁ, ସେମାନଙ୍କୁ କାର୍ଯ୍ୟଦକ୍ଷତା ଭିତ୍ତିକ ପ୍ରୋତ୍ସାହନ, ଯାତ୍ରା ସୁବିଧା, ୫ ତାରକା ହୋଟେଲ ଏବଂ ବିଦେଶ ଗସ୍ତ ପାଇଁ ୨୫୦ ଆମେରିକୀୟ ଡଲାର (ପ୍ରାୟ ୨୧,୦୦୦ ଟଙ୍କା) ଭତ୍ତା ମିଳିଥାଏ । ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିବା ପାଇଁ ଗମ୍ଭୀରଙ୍କୁ କୌଣସି ପୃଥକ ପୁରସ୍କାର ରାଶି ମିଳିନାହିଁ ।

# ବରୁଣ ଚକ୍ରବର୍ତ୍ତୀ କେମିତି ହେଲେ ଭାରତର 'ଏକ୍ସ' ଫ୍ୟାକ୍ଟର ?

**ନୂଆଦିଲ୍ଲୀ**

ଚାମ୍ପିୟନ୍ସ ଟ୍ରଫିରୁ ଯେତେବେଳେ ଯଶପ୍ରୀତ ବୁମ୍ରା ବାଦ୍ ପଡ଼ିଲେ ସେତେବେଳେ ଭାରତୀୟ ବୋଲିଂ ଲାଇନ ଅପ୍‌ରୁ ଏକ୍ସ ଫ୍ୟାକ୍ଟର ଗାଏବ୍ ହୋଇଯାଇଥିଲା । ବୁମ୍ରାଙ୍କ ବିନା ଚାମ୍ପିୟନ୍ସ ଟ୍ରଫିରେ ଭାରତର ବୋଲିଂ ଲାଇନ୍ ଅପ୍ କେମିତି ସନ୍ତୁଳିତ ହେବ, ସେକଥା ସମସ୍ତଙ୍କୁ ଘାଇଲା କରିଥିଲା । ଦଳରେ ମହମ୍ମଦ ଶାମି ଥିଲେ ହେଁ ସେ ଆହତ ସମସ୍ୟାରୁ ଫେରିଥିଲେ । ତାଙ୍କ ଉପରେ ସଂପୂର୍ଣ୍ଣ ଭାବେ ନିର୍ଭର କରିବା ମୁଡ୍‌ରେ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ନଥିଲା । ଏହି ସମୟରେ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନ କମିଟି ଚମତ୍କାର କାମ କରିଥିଲା । ଚାମ୍ପିୟନ୍ସ ଟ୍ରଫିର ୧୫ ଜଣିଆ ସ୍କ୍ୱାଡ୍‌ରେ ୫ମ ସ୍ପିନର ଭାବେ ରହସ୍ୟମୟ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ସାମିଲ କରାଯାଇଥିଲା । ଏହି ଯୋଜନାରେ ବେଶ୍ ରିସ୍କ ମଧ୍ୟ ରହିଥିଲା । କାରଣ ବରୁଣ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ କେବଳ ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ । ଇଂଲଣ୍ଡ ବିପକ୍ଷ ବାରବାଟୀ ଦିନିକିଆରେ ସେ ଡେବ୍ୟୁ କରିଥିଲେ । ତଥାପି ତାଙ୍କୁ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡ୍‌ରେ ରଖାଯାଇଥିଲା ।

ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡ୍‌ରେ ବରୁଣ ରହିଥିଲେ ହେଁ ବାଂଲାଦେଶ ଓ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଖେଳି ନଥିଲେ । ଭାରତ ଉଭୟ ମ୍ୟାଚ୍‌କୁ ମଧ୍ୟ ଜିତିଥିଲା । ବାଂଲାଦେଶ ଓ ପାକିସ୍ତାନ ବ୍ୟାଟର ସାମାନ୍ୟ ଭଲ ଭାବେ ବରୁଣଙ୍କୁ ପଢ଼ି ଦେବାର ଆଶଙ୍କା ଥିବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ରଖାଯାଇ ନଥିଲା । କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଶେଷ ଗ୍ରୁପ୍ ପର୍ଯ୍ୟାୟରେ ବରୁଣଙ୍କ ପଦାର୍ପଣ ହୋଇଥିଲା । ହର୍ଷିତ ରାଣାଙ୍କ ବଦଳରେ ସେ ୪ର୍ଥ ସ୍ପିନର ଭାବେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିଲେ ।

୩୩ ବର୍ଷୀୟ ବରୁଣ ନିଜର ପଦାର୍ପଣ ଆଇସିସି ମ୍ୟାଚ୍‌ରେ ନିଜର ପ୍ରଭାବ ବିସ୍ତାର କରିଥିଲେ । ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ ୱିକେଟ ନେଇଥିଲେ । ନ୍ୟୁଜିଲାଣ୍ଡ ଫିଙ୍ଗର ସ୍ପିନରଙ୍କୁ ଭଲ ଭାବେ ଖେଳିପାରେ । ଦଳ କିଛି ମାସ ତଳେ ଭାରତ ଆସିଥିବା ବେଳେ ଫିଙ୍ଗର ସ୍ପିନରଙ୍କୁ ଟେଷ୍ଟ ସିରିଜ୍‌ରେ ଦମ୍‌ଦାର ଢଙ୍ଗରେ ଖେଳିଥିଲା । ଭାରତକୁ ନିଜ ମାଟିରେ ୩-୦ରେ ମାତ୍ ଦେଇଥିଲା । ତଥାପି କ୍ୱିୱି ଟିମ୍‌କୁ ବରୁଣ ନିଜର ଜାଲରେ ଫସାଇ ଦେଇଥିଲେ ।

ଅଷ୍ଟ୍ରେଲିଆ ବିପକ୍ଷ ସେମିରେ ବରୁଣ ଗୁରୁତ୍ୱପୂର୍ଣ୍ଣ ଟ୍ରାଭିସ୍ ହେଡ୍‌ଙ୍କ




ୱିକେଟ ଦଖଲ କରି ନିଜ ଦକ୍ଷତା ଦେଖାଇଥିଲେ । ବରୁଣଙ୍କ ଭୟ ଫାଇନାଲରେ ମଧ୍ୟ କ୍ୱିୱି ଟିମ୍‌ଙ୍କ ଉପରେ ଦେଖିବାକୁ ମିଳିଥିଲା । ଏହାର ଫାଇଦା ଅନ୍ୟ ଭାରତୀୟ ସ୍ପିନରଙ୍କୁ ମିଳିଥିଲା । ବରୁଣ ନିଜର ପ୍ରଭାବ ଏତେ ମାତ୍ରାରେ ଦେଖାଇଥିଲେ ଯେ ତାଙ୍କୁ ମ୍ୟାଚ୍‌ର ଗୁରୁତ୍ୱପୂର୍ଣ୍ଣ ମୋଡ୍‌ରେ ରୋହିତ ଶର୍ମା ବ୍ୟବହାର କରିଥିଲେ । ଫାଇନାଲ ଜିତିବା ପରେ ରୋହିତ ଟ୍ରଫି ଉଠାଇବା ପୂର୍ବରୁ ବରୁଣଙ୍କୁ ଖୁବ୍ ପ୍ରଶଂସା କରିବାକୁ ଭୁଲି ନଥିଲେ । ବରୁଣଙ୍କ ଉପସ୍ଥିତି ଟିମ୍‌ରେ କିଛି ଭିନ୍ନତା ସୃଷ୍ଟି କରିଥିଲା ବୋଲି ସେ କହିଥିଲେ ।

ବରୁଣ ଓ ଶାମି ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ୱିକେଟ ଦଖଲକାରୀ ବୋଲର ବନିଥିଲେ । ଶାମି ୫ ମ୍ୟାଚ୍‌ରେ ୯ ୱିକେଟ ନେଇଥିବା ବେଳେ ବରୁଣ ୩ଟି ମ୍ୟାଚ୍‌ରେ ସମାନ ସଂଖ୍ୟକ ୱିକେଟ ପାଇଛନ୍ତି । ତାଙ୍କ ବୋଲିଂ ଷ୍ଟ୍ରାଇକ୍ ରେଟ୍ ୨୦ ରହିଥିବା ବେଳେ ଇକୋନୋମି ମାତ୍ର ୪.୫୩ ରହିଛି । ବରୁଣଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁ ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ କୋଚିଂ ଟିମ୍ ବେଶ୍ ଆଶ୍ୱସ୍ତର ସହ ଦୁବାଇ ପିଚ୍‌ରେ ମାତ୍ର ଦୁଇ ଜଣ ଦ୍ରୁତ ବୋଲରଙ୍କୁ ଖେଳାଇବାର ସ୍ୱାଧୀନତା ମଧ୍ୟ ପାଇଥିଲା ।

ବର୍ତ୍ତମାନ ବରୁଣ ପୂରା ଦେଶରେ ଚର୍ଚ୍ଚିତ ଚେହେରା ପାଲଟି ଯାଇଛନ୍ତି । କିନ୍ତୁ ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ୫୦ ଓଭର ଫର୍ମାଟରେ ତାଙ୍କ ସ୍ଥାନକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ରେ ବରୁଣ କ୍ରମାଗତ ୱିକେଟ ନେବାରୁ ତାଙ୍କ ନାଁ ଦିନିକିଆ ଫର୍ମାଟ ପାଇଁ ବିଚାରକୁ ନିଆଯାଇ ଥିଲା ।

ଟି-୨୦ରେ ଜଲୱା ଦେଖାଇଥିବା ବରୁଣଙ୍କ ପ୍ରଦର୍ଶନକୁ ଆକଳନ କରିବା ପାଇଁ ଜାତୀୟ ଚୟନ କମିଟିର ଜଣେ ସଦସ୍ୟ ତାମିଲନାଡୁ ଗସ୍ତ କରିଥିଲେ । ସେଠାରେ ବରୁଣ ଖେଳୁଥିବା ବିଜୟ ହଜାରେ ଟ୍ରଫିର ମ୍ୟାଚ୍‌କୁ ସେ ଦେଖିଥିଲେ । ବରୁଣ ମଧ୍ୟ କାହାକୁ ନିରାଶ କରି ନଥିଲେ । ସେ ୧୮ଟି ୱିକେଟ ନେଇ ନିଜର ଦବ୍‌ଦବା ଦେଖାଇଥିଲେ । ଚୟନକର୍ତ୍ତା ସେହି ଠାରେ ହିଁ ବିଶ୍ୱାସ କରିଥିଲେ ଯେ ଯଦି ବୁମ୍ରା ନାହାନ୍ତି, ତା'ହେଲେ ବରୁଣ ହିଁ ବନିବେ ଭାରତର ଏକ୍ସ ଫ୍ୟାକ୍ଟର ।

ବରୁଣଙ୍କ ବ୍ୟକ୍ତିଗତ କୋଚ୍ ଏସି ପ୍ରତିବାନଙ୍କ କହିବା କଥା ଯେ ମାନସିକ ସ୍ଥିରତା ଓ ଅସାଧାରଣ ଯୋଜନା ଯୋଗୁ ବରୁଣଙ୍କ ବୋଲିଂରେ ଉନ୍ନତି ହୋଇଛି । ସେ କହିଛନ୍ତି, "ମାନସିକ ଭାବେ ବରୁଣ ଗୋଟିଏ ଭିନ୍ନ ସ୍ତରରେ ରୁହନ୍ତି । ଏହା ଉପରେ ସେ ସବୁବେଳେ କାମ କରନ୍ତି । ବିଭିନ୍ନ କାରଣ ପାଇଁ ସେ କିଛି ଦିନ ନିଜ ପ୍ରଦର୍ଶନରୁ ଦୂରେଇ ରହିଥିଲେ । କିନ୍ତୁ ଏବେ ସେ ସବୁ କିଛିକୁ ସାମ୍ନା କରିବାକୁ ପ୍ରସ୍ତୁତ । ସେ ଅନେକ ପରିମାଣର ସାହାସ ଦେଖାଇଛନ୍ତି ।''

ଗତଥର ଯେତେବେଳେ ବରୁଣ ଦୁବାଇ ଯାଇଥିଲେ ସେତେବେଳେ ସ୍ଥିତି କିଛି ଭିନ୍ନ ରହିଥିଲା । ଗତଥର ଅର୍ଥାତ ୨୦୨୧ ଟି-୨୦ ବିଶ୍ୱକପ୍ ବେଳେ ଯାହା ଘଟିଥିଲା ସେକଥା ଭାବି ଏଥର ଦୁବାଇ ଯାତ୍ରା କରିବା କୌଣସି ଦୁଃସ୍ୱପ୍ନ ଠାରୁ କମ୍ ନଥିଲା । କିନ୍ତୁ ସେ ନିଜ ବଳିଷ୍ଠତା ଦେଖାଇ ଟିମ୍‌ରେ ସ୍ଥାନ ପାଇଥିଲେ ଓ ବିଜୟରେ ପ୍ରମୁଖ ଭୂମିକା ମଧ୍ୟ ଗ୍ରହଣ କରିଛନ୍ତି । ବରୁଣଙ୍କ ପ୍ରଦର୍ଶନ ପଛରେ ଜାତୀୟ ଟିମ୍‌ର ଆସିସଷ୍ଟାଣ୍ଟ କୋଚ୍ ଅଭିଷେକ ନାୟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ଓ ଭାରତୀୟ ଟିମ୍‌ରେ ଅଭିଷେକ ହିଁ ବରୁଣଙ୍କ ପାଖରେ ରହିଥିଲେ ।"

ବରୁଣଙ୍କ ଦମ୍‌ଦାର ପ୍ରଦର୍ଶନ ଯୋଗୁ ଭାରତ ଚାମ୍ପିୟନ୍ସ ଟ୍ରଫି ଜିତିବାକୁ ସକ୍ଷମ ହୋଇଥିଲା । ତାଙ୍କ ପାଖରେ କେବଳ ପ୍ଲାନ ଏ ନଥାଏ । ସେ ସବୁବେଳେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ରଣନୀତି କରନ୍ତି । ବ୍ୟାଟର ବଲ୍‌କୁ କେମିତି ସାମ୍ନା କରୁଛନ୍ତି, ତା'କୁ ନଜର ରଖି ସେ ରଣନୀତି ପ୍ରସ୍ତୁତ କରୁଥିଲେ । ବରୁଣ ସବୁବେଳେ କେମିତି ନିଜ ବୋଲିଂରେ କିଛି ନୂଆ କରିପାରିବେ, ସେ ଚିନ୍ତା କରନ୍ତି । ଚାମ୍ପିୟନ୍ସ ଟ୍ରଫିରେ ବରୁଣଙ୍କ ଏହି ରଣନୀତି ଭାରତ ପାଇଁ ଏକ୍ସ ଫ୍ୟାକ୍ଟର ସାବ୍ୟସ୍ତ ହୋଇଛି ।

# ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ପାଇଁ ଦଳୀୟ ନେତାଙ୍କ ସହ ଆଲୋଚନା

**ବାଲେଶ୍ୱର, ନ୍ୟୁଜ୍**

ଆଇନଗତ ଢାଞ୍ଚା ମଧ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ମଜବୁତ କରିବା ପାଇଁ ଦଳୀୟ ସଭାପତି ଏବଂ ବରିଷ୍ଠ ନେତା ମାନଙ୍କୁ ଆଲୋଚନା ପାଇଁ ନିର୍ବାଚନ କମିଶନଙ୍କ ନିମନ୍ତ୍ରଣ ଭାରତୀୟ ନିର୍ବାଚନ କମିଶନ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଙ୍କଠାରୁ ଏପ୍ରିଲ ୩୦, ୨୦୨୫ ସୁଦ୍ଧା ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ତରରେ ଯେକୌଣସି ସମାଧାନ ନ ହୋଇଥିବା ସମସ୍ୟା ପାଇଁ ପରାମର୍ଶ ଆମନ୍ତ୍ରଣ କରିଛନ୍ତି । ଆଜି ରାଜନୈତିକ ଦଳଗୁଡ଼ିକୁ ଜାରି କରାଯାଇଥିବା ଏକ ବ୍ୟକ୍ତିଗତ ଚିଠିରେ, କମିଶନ ପ୍ରତିଷ୍ଠିତ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉଭୟ ପକ୍ଷର ସୁବିଧାଜନକ ସମୟରେ ଦଳର ସଭାପତି ଏବଂ ଦଳର ବରିଷ୍ଠ ସଦସ୍ୟ ମାନଙ୍କ ସହିତ ଏକ ଆଲୋଚନା କରିବାକୁ ମଧ୍ୟ ଅନୁମତି ଦେଇଛନ୍ତି । ପୂର୍ବରୁ, ଗତ ସପ୍ତାହରେ ଏକ ଭାରତୀୟ ନିର୍ବାଚନ କମିଶନ ସମ୍ମିଳନୀରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ମାନଙ୍କୁ ରାଜନୈତିକ ଦଳଗୁଡ଼ିକ ସହିତ ନିୟମିତ ଆଲୋଚନା କରିବାକୁ, ଏପରି ବୈଠକରେ ପ୍ରାପ୍ତ ଯେକୌଣସି ପରାମର୍ଶକୁ ପୂର୍ବରୁ ଥିବା ଆଇନଗତ ଢାଞ୍ଚା ମଧ୍ୟରେ କଡ଼ାକଡ଼ି ସମାଧାନ କରିବାକୁ ଏବଂ ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କମିଶନଙ୍କ ନିକଟରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କମିଶନ ରାଜନୈତିକ ଦଳଗୁଡ଼ିକୁ ବିକେନ୍ଦ୍ରୀତ ସମ୍ପର୍କର ଏହି ବ୍ୟବସ୍ଥାକୁ ସକ୍ରିୟ ଭାବରେ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ । କମିଶନ ରାଜନୈତିକ ଦଳଗୁଡ଼ିକୁ ଲେଖିଥିବା ଚିଠିରେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗକୁ ଅନ୍ତର୍ଭୁକ୍ତ କରୁଥିବା ସମ୍ବିଧାନ ଏବଂ ସାମ୍ବିଧାନିକ ଢାଞ୍ଚା ଅନୁଯାୟୀ କମିଶନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୨୮ଟି ହିତାଧିକାରୀଙ୍କ ମଧ୍ୟରୁ ରାଜନୈତିକ ଦଳଗୁଡ଼ିକ ପ୍ରମୁଖ ହିତାଧିକାରୀ । କମିଶନ ରାଜନୈତିକ ଦଳମାନଙ୍କ ପାଖକୁ ପଠାଇଥିବା ଏହି ଚିଠିରେ ଏହି କଥା ଉଲ୍ଲେଖ କରିଛି ଯେ, ଭାରତର ପ୍ରତିନିଧି ଆଇନ ୧୯୫୦ ଏବଂ ୧୯୫୧; ମତଦାତା ପଞ୍ଜୀକରଣ ନିୟମ, ୧୯୬୦; ନିର୍ବାଚନ ନିୟମ, ୧୯୬୧; ସୁପ୍ରିମକୋର୍ଟର ଆଦେଶ ଗୁଡ଼ିକ ଏବଂ ଭାରତ ନିର୍ବାଚନ କମିଶନ ଦ୍ୱାରା ପ୍ରକାଶିତ ନିର୍ଦ୍ଦେଶ, ମାନୁଆଲ୍ ଏବଂ ହ୍ୟାଣ୍ଡବୁକ୍‌ଗୁଡ଼ିକ (ଭାରତୀୟ ନିର୍ବାଚନ କମିଶନ ୱେବସାଇଟ୍‌ରେ ଉପଲବ୍ଧ), ଯାହା ଏକ ବିକେନ୍ଦ୍ରୀକୃତ, ସୁଦୃଢ଼ ଏବଂ ସ୍ୱଚ୍ଛ ଆଇନଗତ ଢାଞ୍ଚା ନିର୍ମାଣ କରିଛି, ଯାହା ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ନିଶ୍ଚିତ କରିଥାଏ ।

# ବଦଳିଲା ସରକାର, ବଦଳିଲାନି ଜେଟି ଅବସ୍ଥା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି । ଏହା ସହ ବହୁ କିଛି ପରିବର୍ତ୍ତନ ହେଉଛି । ହେଲେ ଗଞ୍ଜାମ ଜିଲ୍ଲାରେ ସମୁଦ୍ର କୂଳରେ ରହି ସମୁଦ୍ରରେ ମାଛ ମାରି ଜୀବନ ଜୀବିକା ନିର୍ବାହ କରି ଆସୁଥିବା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାରେ ପରିବର୍ତ୍ତନ ଘଟିଲା ନାହିଁ । ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା । ଜିଲ୍ଲାର ଛତ୍ରପୁର ବ୍ଲକ୍ ଆର୍ଯ୍ୟପଲ୍ଲୀ ଠାରେ ରହିଥିବା ମାଛଧରା ଜେଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ଜେଟି ଦେଇ ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ଯିବା ପାଇଁ ରହିଥିବା କେନାଲ୍ ରାସ୍ତା ଦିନକୁ ଦିନ ବାଲି ଭର୍ତ୍ତି ହେଉଥିବା ଯୋଗୁଁ ମାଛ ମାରିବା ପାଇଁ ମତ୍ସ୍ୟଜୀବୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛି । ଯାହା ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ଚିନ୍ତାରେ ପକାଇ ଦେଇଛି । ରୋଜଗାରର ଅନ୍ୟକିଛି ପନ୍ଥା ନ ପାଇ ଜୀବିକା ଛାଡ଼ି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଚାଲିଯାଉଛନ୍ତି ମତ୍ସ୍ୟଜୀବୀ । ଏନେଇ ବାରମ୍ବାର ସରକାର ଓ ପ୍ରଶାସନ ସହିତ ସ୍ଥାନୀୟ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନଥିବା ଅଭିଯୋଗ କରିଛନ୍ତି ମତ୍ସ୍ୟଜୀବୀ । ମତ୍ସ୍ୟଜୀବିମାନେ କ କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି । ଏଭଳି ସ୍ଥିତିରେ ୨୭ ଖଣ୍ଡ ଗ୍ରାମବାସୀଙ୍କ ଜୀବୀକାକୁ ନେଇ ପ୍ରଶ୍ନବାଚୀ ଉଠିଛି । ଜେଟିରେ ବହୁ ପରିମାଣରେ ସମୁଦ୍ର ବାଲି ମତ୍ସ୍ୟଜୀବୀଙ୍କ ଯାତାୟାତ ରାସ୍ତାରେ ଭର୍ତ୍ତି ହୋଇଥିବାରୁ ଏହାକୁ ଖନନ କରିବାକୁ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବା ବେଳେ ଜେଟରେ କୌଣସି ଆନୁସଙ୍ଗିକ ସୁବିଧା ମଧ୍ୟ ମିଳି ପାରୁନଥିବା ଅଭିଯୋଗ ହେଉଛି । ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଆର୍ଯ୍ୟପଲ୍ଲୀ ସମେତ ପ୍ରାୟ ୧୦ ଖଣ୍ଡ ଗ୍ରାମର ମତ୍ସ୍ୟଜୀବୀମାନେ ଆର୍ଯ୍ୟପଲ୍ଲୀ ନିକଟରେ ରହିଥିବା ମାଛଧରା ଜେଟି ଉପରେ ନିର୍ଭର କରି ଆସୁଛନ୍ତି । ଜେଟି ନିର୍ମାଣକୁ ଇତି ମଧ୍ୟରେ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ତାହାର ରକ୍ଷଣାବେକ୍ଷଣ ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ପଡ଼ି ରହିଛି । ପ୍ରାୟ ୩୦ ବର୍ଷର ଏହି ପୁରୁଣା ମତ୍ସ୍ୟଜେଟିକୁ ଗତ ୧୯୯୩ ମସିହା ଜାନୁଆରୀ ମାସ ୨୨ ତାରିଖରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହାଦ୍ୱାରା ମତ୍ସ୍ୟଜୀବୀମାନଙ୍କୁ ମାଛ ମାରିବାରେ ବେଶ ସୁବିଧା ହେଉଥିଲା । ଜେଟିରେ ମାଛଧରା ଡ଼ଙ୍ଗା ରଖିବା, ଗୋଦାମ ଗୃହ ସହ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା ରହିଥିଲା । କିନ୍ତୁ ଏଥିପ୍ରତି ସରକାର ଓ ପ୍ରଶାସନ ଧ୍ୟାନ ନ ଦେଇଥିବା ଯୋଗୁଁ ଏହି ଜେଟି ଏବେ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ପ୍ରତିଦିନ ଏଠାରୁ ବିଭିନ୍ନ ଅଞ୍ଚଳରୁ ମାଛ ରପ୍ତାନି ହୋଇଥାଏ । ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ ସହିତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀମାନେ ଆର୍ଯ୍ୟପଲ୍ଲୀକୁ ଆସି ମାଛ ନେଇଥାନ୍ତି । କେବଳ ମାଛ ନୁହଁ ବରଂ ମାଛକୁ ଶୁଖାଇ ରଖାଯାଇ ସେଠାରୁ ପ୍ରସ୍ତୁତ ହେଉଥିବା ଶୁଖୁଆକୁ ମଧ୍ୟ ବାହାର ରାଜ୍ୟକୁ ରପ୍ତାନୀ କରାଯାଇଥାଏ । କିନ୍ତୁ ବର୍ତ୍ତମାନ ଜେଟିରେ ସମସ୍ୟା କହିଲେ ନ ସରେ । ଜେଟି ମଧ୍ୟରେ ରହିଥିବା ଗୋଦାମ ଗୃହଗୁଡ଼ିକ ସବୁ ଭଗ୍ନ ଅବସ୍ଥାରେ ପଡ଼ି ରହିଛି । କୋଠାଗୁଡ଼ିକ ରହିଥିବା ଯୋଗୁଁ ଖୋଲା ଆକାଶ ତଳେ ମାଛକୁ ଶୁଖାଯାଇ ଶୁଖୁଆ ପ୍ରସ୍ତୁତ କରାଯାଇଛି । କେବଳ ଏହି ମତ୍ସ୍ୟଜେଟି ଉପରେ ପ୍ରାୟ ଆର୍ଯ୍ୟପଲ୍ଲୀ ନୁହେଁ ଜିଲ୍ଲାର ୧୦ରୁ ଅଧିକ ଗ୍ରାମର ୩୦ ହଜାରରୁ ଅଧିକ ମତ୍ସ୍ୟଜୀବୀ ନିର୍ଭର କରୁଛନ୍ତ । ଏଭଳି ସ୍ଥିତିରେ ମତ୍ସ୍ୟଜୀବୀମାନଙ୍କ ପାଇଁ ଆଲୋକର ସୁବିଧା ନଥିବା ବେଳେ ପାନୀୟ ଜଳ, ଶୌଚାଳୟ ଭଳି ଆନୁସଙ୍ଗିକ ସୁବିଧା ମଧ୍ୟ ନାହିଁ । ମତ୍ସ୍ୟଜେଟିର ସୁବିଧା ପାଇଁ ପୂର୍ବର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ବେଳେ ବର୍ତ୍ତମାନର ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ରଖାଯାଇଛି । ଦିନକୁ ଦିନ ସମୁଦ୍ରକୁଳିଆ ଗ୍ରାମ ନିକଟତର ହେଉଛି ସମୁଦ୍ର । ଦିନ ଥିଲା ସମୁଦ୍ର ଆର୍ଯ୍ୟପଲ୍ଲୀ ଗ୍ରାମ ଠାରୁ ୨ କିଲୋମିଟର ଦୂରରେ ରହିଥିଲା । କିନ୍ତୁ ବର୍ତ୍ତମାନ ଆଉ ମାତ୍ର ୫୦ ମିଟର ଦୂରରେ ରହିଛି ସମୁଦ୍ର । ଏଭଳି ସ୍ଥିତିରେ ଗ୍ରାମର ନିକଟବର୍ତ୍ତୀ ଅଞ୍ଚଳରେ ପଥରବନ୍ଧ ନିର୍ମାଣ ନେଇ ୫୦ କୋଟି ଓ ଫିସିଂ ହାରବର ନିର୍ମାଣ ନେଇ ୩୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ଅନେକବାର କୁହାଯାଉଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାମ ଆରମ୍ଭ ହୋଇନଥିବା ନେଇ କହିଛନ୍ତି ଗ୍ରାମବାସୀ । ସେପଟେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ମତ୍ସ୍ୟଜୀବୀମାନଙ୍କ ସୁବିଧା ପାଇଁ କୌଣସି ପଦକ୍ଷେପ ନେଉନଥିବା କହିଛନ୍ତି ଅଞ୍ଚଳବାସିନ୍ଦା । କେତେବେଳେ ବନ୍ଦରର ନାମ ପରିବର୍ତ୍ତନ ହେଉଛି ତ ଆଉ କେତେବେଳେ ମାଲିକାନା । କିନ୍ତୁ ଏହାରି ମଧ୍ୟରେ ମତ୍ସ୍ୟଜୀବୀମାନଙ୍କର ଭାଗ୍ୟରେ ପରିବର୍ତ୍ତନ ହେଉନାହିଁ । ସମୁଦ୍ର ଗାଁ ପଟକୁ ସମୁଦ୍ର ମାଡ଼ି ଆସୁଥିବା ଯୋଗୁଁ ପଥରବନ୍ଧ ନିର୍ମାଣ ନେଇ ବାରମ୍ବାର ଦାବି ପରେ ମଧ୍ୟ ଏନେଇ ପ୍ରଶାସନ ଦୃଷ୍ଟି ଦେଉନଥିବା କହିଛନ୍ତି ମତ୍ସ୍ୟଜୀବୀ । ଗଞ୍ଜାମ ଜିଲ୍ଲାର ଆର୍ଯ୍ୟପଲ୍ଲୀ ପଞ୍ଚାୟତର ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସହିତ ଜିଲ୍ଲା ପ୍ରଶାସନ ଏବଂ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଇତି ମଧ୍ୟରେ ମତ୍ସ୍ୟଜୀବୀଙ୍କ ସମସ୍ୟାର ସମାଧାନ ପାଇଁ ଦୁଇ ଥର ଏମ୍‌ଓୟୁ ସ୍ୱାକ୍ଷରିତ କରାଯାଇଛି । ଗତ ୨୮.୧୦.୨୦୧୭ ଏବଂ ୪.୨.୨୦୧୯ରେ ଏହି ସ୍ୱାକ୍ଷରିତ ମତ୍ସ୍ୟଜୀବୀଙ୍କ ଜୀବିକାରେ ସୁଧାର ଆଣିବାପାଇଁ କୌଣସି ସୁଫଳ ମିଳିପାରିନଥିବା କହିଛନ୍ତି ମତ୍ସ୍ୟଜୀବୀ । ଏପରିକି ପୂର୍ବରୁ ବିଧାନସଭାରେ ଯେଉଁ ପ୍ରସ୍ତାବ ରହିଥିଲା ତାହା ମଧ୍ୟ ଅଟକି ରହିଥିବା କୁହାଯାଇଛି । ଏଭଳି ପରିସ୍ଥିତିରେ ଗୋପାଳପୁର ପୋର୍ଟ ମତ୍ସ୍ୟଜେଟି ସମୁଦ୍ର ମୁହାଣକୁ ସବୁ ଦିନିଆ ଡଙ୍ଗା ଯାତାୟାତ ପାଇଁ ଡ୍ରେସିଂ କରିବା, ଆର୍ଯ୍ୟପଲ୍ଲୀ ପଞ୍ଚାୟତ ଗ୍ରାମ ଗୁଡ଼ିକର ଉପକୂଳ ସୁରକ୍ଷା ରଖିବା ପାଇଁ ପଥରବନ୍ଧ ନିର୍ମାଣ କରିବା, ଜେଟିରେ ଆଲୋକୀକରଣ ସହିତ ପାନୀୟ ଜଳ ବ୍ୟବସ୍ଥା କରିବା, ଆର୍ଯ୍ୟପଲ୍ଲୀ ପଞ୍ଚାୟତ କୂଳରେ ଫିସରେ କଟି କରିବା ପାଇଁ ଜାଗା ଚିହ୍ନଟ ଓ ସେଣ୍ଟ୍ରାଲ୍ ଟିମ୍ ଜାଗା ପରୀକ୍ଷା କରି ମଧ୍ୟ କୌଣସି କାର୍ଯ୍ୟ ହୋଇପାରିନଥିବାରୁ ତାହାକୁ କରାଯିବା ସହିତ ପୁରାତନ ଅର୍ଦ୍ଧନିର୍ମିତ ରହିଥିବା ତାଚେରୀକୁ ଭାଙ୍ଗି ସଫା କରିବାକୁ ଦାବି ହୋଇଛି ।





# ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, କର୍ତ୍ତବ୍ୟ ସମୟରେ ଅନୁକରଣୀୟ ସତର୍କତା, ଟ୍ରେନଗୁଡ଼ିକର ସୁରକ୍ଷିତ ଏବଂ ଦକ୍ଷ ପରିଚାଳନା ସୁନିଶ୍ଚିତ କରିବା ପାଇଁ, ଡିଭିଜନର ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ସମାରୋହ ଡିଆରଏମ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ଅବସରରେ, ଖୋର୍ଦ୍ଧାରୋଡ଼ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ, ନମୋନାରାୟଣ ମୀନା ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ। କଁପାନୀ ସେଠୀ, ଟ୍ରାକ ମେଣ୍ଟେନର/ହିନ୍ଦୋଳ, ପ୍ରମୋଦ କୁମାର ମଣ୍ଡଳ, ଟ୍ରାକ ମେଣ୍ଟେନର/ବୁଢ଼ାପଙ୍କ, ଅମରେଶ ବେହେରା, ଟିପିଏମ୍ (ବି)/ସଦାଶିବପୁର, କୈଳାଶ ଚନ୍ଦ୍ର ବାରିକ, ସଂଟିଂ ମାଷ୍ଟର/ପୁରୀ ଏବଂ ଶକ୍ତି ପ୍ରସାଦ ସାହୁ,




ଟିପିମ୍ (ଏ)/କାମାକ୍ଷାନଗର, ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏଚ୍.ଏସ୍. ବାଜୱା, ଏହି ରେଳ କର୍ମଚାରୀଙ୍କ ଅବିସ୍ମରଣୀୟ ଉତ୍ସର୍ଗକୁ ପ୍ରଶଂସା କରିଥିଲେ ଏବଂ ସମସ୍ତ ରେଳ କର୍ମଚାରୀଙ୍କୁ କର୍ତ୍ତବ୍ୟ ପାଳନ କରିବା ସମୟରେ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ।

# ଯାତ୍ରୀଙ୍କ ଯାତ୍ରା ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଅଧିକ ହୋଲି ସ୍ପେଶାଲ୍ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ହୋଲି ପର୍ବ ସମୟରେ ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପ୍ରମୁଖ ସ୍ଥାନଗୁଡ଼ିକୁ ସ୍ୱତନ୍ତ୍ର ଟ୍ରେନ ସଂଯୋଗ ଯୋଜନା କରି ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ନେଇଛି। ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅତିରିକ୍ତ ଯାତ୍ରା ବିକଳ୍ପ ପ୍ରଦାନ କରିବ ଏବଂ ନିୟମିତ ଟ୍ରେନ୍‌ଗୁଡ଼ିକରେ ଭିଡ଼ କମ୍ କରିବାରେ ସାହାଯ୍ୟ କରିବ।

**ବିଶାଖାପାଟଣା-ପାଟନା ହୋଲି ସ୍ୱତନ୍ତ୍ର ଟ୍ରେନ୍ :** ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବତଟ ରେଳପଥ ମଧ୍ୟରୁ ପୁଣି ଗୋଟିଏ ସ୍ୱତନ୍ତ୍ର ଟ୍ରେନ ରାୟଗଡା-ଟିଟିଲାଗଡ଼-ସମ୍ବଲପୁର-ରାଉରକେଲା ମାର୍ଗ ଦେଇ ବିଶାଖାପାଟଣା ଏବଂ ପାଟନା ମଧ୍ୟରେ ଚଳାଚଳ କରାଇବ : ଟ୍ରେନ୍ ନମ୍ବର ୦୮୫୩୭/୦୮୫୩୮ ବିଶାଖାପାଟଣା-ପାଟନା-ବିଶାଖାପାଟଣା ହୋଲି ସ୍ପେଶାଲ୍ ଟ୍ରେନ। ବିଶାଖାପାଟଣାରୁ : ପ୍ରତି ରବିବାର (୧୬ ମାର୍ଚ୍ଚ ରୁ ୩୦ ମାର୍ଚ୍ଚ ୨୦୨୫) ଦିନ ୧୯୩୦ ଘଣ୍ଟାରେ ଛାଡିବ। ପାଟନାରୁ: ପ୍ରତି ସୋମବାର (୧୭ ମାର୍ଚ୍ଚ ରୁ ୩୧ ମାର୍ଚ୍ଚ ୨୦୨୫) ଦିନ ୨୨୩୦ ଘଣ୍ଟାରେ ଛାଡିବ। ରହଣି ସ୍ଥାନ: ବିଶାଖାପାଟଣା ଓ ପାଟଣା ମଧ୍ୟରେ ଉଭୟ ପାର୍ଶ୍ୱରୁ ବିଜୟନଗରମ୍, ବବିଲି, ପାର୍ବତୀପୁରମ୍, ରାୟଗଡ଼ା, ସିଙ୍ଗାପୁର ରୋଡ୍, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ହାତିଆ, ରାଞ୍ଚି, ମୁରି, ବୋକାରୋ ଷ୍ଟିଲ୍ ସିଟି, ଚନ୍ଦ୍ରପୁରା, ଗୋମୋ, କୋଡ଼ର୍ମା, ଗୟା ଏବଂ ଜେହାନାବାଦ ଷ୍ଟେସନ ମାନଙ୍କରେ ରହଣି କରିବ।

**ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ :** ବିଶାଖାପାଟଣା-ପାଟନା ହୋଲି ସ୍ପେଶାଲ୍ ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ନିମ୍ନଲିଖିତ ଭାବେ ଚଳାଚଳ କରୁଛି : ୧. ଭୁବନେଶ୍ୱର-ଚେରଲାପାଲ୍ଲି (ହାଇଦ୍ରାବାଦ) ହୋଲି ସ୍ପେଶାଲ୍। ସୋମବାର ଦିନ (୧୦ ମାର୍ଚ୍ଚ ରୁ ୨୪ ମାର୍ଚ୍ଚ ୨୦୨୫) ୧୨୧୦ ଘଣ୍ଟାରେ ଭୁବନେଶ୍ୱରରୁ ଛାଡିବ। ମଙ୍ଗଳବାର ଦିନ (୧୧ ମାର୍ଚ୍ଚରୁ ୨୫ ମାର୍ଚ୍ଚ ୨୦୨୫) ୦୯୫୦ ଘଣ୍ଟାରେ ହାଇଦ୍ରାବାଦରୁ ଫେରିବ।

୨. ପୁରୀ-କୋଲକାତା ହୋଲି



ସ୍ପେଶାଲ୍ : ୧୩, ୧୮ ଏବଂ ୨୦ ମାର୍ଚ୍ଚ ୨୦୨୫ ରେ ୨୩୫୦ ଘଣ୍ଟାରେ କୋଲକାତାରୁ ଛାଡିବ। ୧୪, ୧୯ ଏବଂ ୨୧ ମାର୍ଚ୍ଚ ୨୦୨୫ ରେ ୧୫୩୦ ଘଣ୍ଟାରେ ପୁରୀରୁ ଛାଡିବ।

୩. ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ ହୋଲି ସ୍ପେଶାଲ୍ : ରବିବାର (୯ ମାର୍ଚ୍ଚରୁ ୨୩ ମାର୍ଚ୍ଚ ୨୦୨୫) ଦିନ ୧୫୩୦ ଘଣ୍ଟାରେ ବିଶାଖାପାଟଣାରୁ ଛାଡିବ। ସୋମବାର ଦିନ (୧୦ ମାର୍ଚ୍ଚ ରୁ ୨୪ ମାର୍ଚ୍ଚ ୨୦୨୫) ୧୫୫୦ ଘଣ୍ଟାରେ ବେଙ୍ଗାଲୁରୁ ଫେରିବେ।

**ସ୍ୱତନ୍ତ୍ର ଟ୍ରେନ ପାଇଁ ସେବାର ବିସ୍ତାର :** ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଅନେକ ସ୍ୱତନ୍ତ୍ର ଟ୍ରେନର ସେବାକୁ ବିସ୍ତାର କରିଛି: ଜୁନ୍ ୨୦୨୫ ଶେଷ ସପ୍ତାହ ପର୍ଯ୍ୟନ୍ତ : ୦୨୮୩୭/୦୨୮୩୮ ସାନ୍ତ୍ରାଗାଛି-ପୁରୀ-ସାନ୍ତ୍ରାଗାଛି ସାପ୍ତାହିକ ବିଶେଷ। ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସାପ୍ତାହିକ ବିଶେଷ। ୦୮୦୧୧/୦୮୦୧୨ ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ଦ୍ୱି-ସାପ୍ତାହିକ ସ୍ୱତନ୍ତ୍ର।

**ଏପ୍ରିଲ୍ ୨୦୨୫ ଶେଷ ସପ୍ତାହ ପର୍ଯ୍ୟନ୍ତ :** ୦୯୦୫୯/୦୯୦୬୦ ଉଧନା (ସୁରତ)-ଖୋର୍ଦ୍ଧା ରୋଡ୍-ଉଧନା ସ୍ପେଶାଲ୍। ୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶବନ୍ତପୁର-ଭୁବନେଶ୍ୱର ସାପ୍ତାହିକ ବିଶେଷ। ୦୮୩୧୧/୦୮୩୧୨ ସମ୍ବଲପୁର-ଏରୋଡ୍-ସମ୍ବଲପୁର ସାପ୍ତାହିକ ବିଶେଷ। ୦୮୫୦୮/୦୮୫୦୭ ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ବିଶେଷ। ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଦୈନିକ ବିଶେଷ। ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ ବିଶେଷ।

**ହୋଲି ସ୍ପେଶାଲ୍ ଟ୍ରେନ୍ ପାଇଁ ଟିକେଟ୍ କିପରି ବୁକ୍ କରିବେ :** ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ଯାତ୍ରୀ ବିଆରଏଡକୁ ସମୟରେ ସ୍ୱତନ୍ତ୍ର ଟ୍ରେନମାନଙ୍କରେ ଉପଲବ୍ଧତା ଯାଞ୍ଚ କରିବାକୁ ଏବଂ ସ୍ୱତନ୍ତ୍ର ଟ୍ରେନରେ ଟିକେଟ ବୁକ୍ କରିବାକୁ ଅନୁରୋଧ କରୁଛି, ବିଶେଷକରି ଯଦି ସେମାନେ ନିୟମିତ ଟ୍ରେନରେ ଲମ୍ବା ଅପେକ୍ଷା ତାଲିକା ପାଆନ୍ତି। ସ୍ୱତନ୍ତ୍ର ଟ୍ରେନ୍ ନମ୍ବରଗୁଡ଼ିକ '୦' (ଶୂନ୍ୟ) ରୁ ଆରମ୍ଭ ହୁଏ, ଯାହା ସେମାନଙ୍କୁ ସହଜରେ ଚିହ୍ନଟ କରିହେବ। ଏହି ସ୍ୱତନ୍ତ୍ର ଟ୍ରେନଗୁଡ଼ିକରେ ବର୍ଥ ଉପଲବ୍ଧ, ଯାହା ଜଟରିଭିଡ଼ି ସମୟରେ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିଥାଏ।

ଯାତ୍ରୀମାନେ ସ୍ୱତନ୍ତ୍ର ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ଏବଂ ବୁକିଂ ପାଇଁ ଆଇଆରସିଟିସି ୱେବସାଇଟ୍, ଏନଟିଇଏସ୍ ଏବଂ ପୂର୍ବତଟ ରେଳପଥ ସରକାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ମାଧ୍ୟମରେ ପାଇପାରିବେ।

# ତାରାଙ୍କ ଉପରୁ ନିଲମ୍ବନ ହଟାଇବାକୁ ବାଚସ୍ପତିଙ୍କୁ ନିବେଦନ କଲେ ପ୍ରସନ୍ନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ଉପରୁ ନିଲମ୍ବନ ହଟାଇବାକୁ ବିଧାନସଭା ବାଚସ୍ପତିଙ୍କୁ ନିବେଦନ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ପ୍ରସନ୍ନ କହିଛନ୍ତି ଯେ ମଙ୍ଗଳବାର ଅପ୍ରତ୍ୟାଶିତ ଘଟଣାରେ ଆମେ ସମସ୍ତେ ଉତ୍ତରଦାୟୀ। ଆଗରୁ ଏଭଳି ଘଟଣା କେବେ ଘଟି ନଥିଲା। ଆଗାମୀ ଦିନରେ ସୁଚାରୁ ରୂପେ ନ୍ୟାୟପୂର୍ଣ୍ଣ ଭାବେ ଗୃହ ପରିଚାଳନା କରିବା ଆପଣଙ୍କ ଦାୟିତ୍ୱ ଏବଂ ଆମର ମଧ୍ୟ ଦାୟିତ୍ୱ। ଆମେ ସମସ୍ତେ ଲଜ୍ଜିତ। କଂଗ୍ରେସ ସଦସ୍ୟ ବର୍ତ୍ତମାନ ବାହାରେ ବସିଛନ୍ତି। ତେଣୁ ଗୃହ ଏବେ ଅସମ୍ପୂର୍ଣ୍ଣ। ଏଣୁ କଂଗ୍ରେସ ସଦସ୍ୟଙ୍କ ଉପରୁ ନିଲମ୍ବନ ହଟାଯାଉ ଏବଂ କଂଗ୍ରେସ ସଦସ୍ୟମାନଙ୍କୁ ଗୃହକୁ ଫେରାଇ ଅଣାଯାଉ ବୋଲି ନିବେଦନ କରିଛନ୍ତି ପ୍ରସନ୍ନ ଆଚାର୍ଯ୍ୟ। ଏହା ନ ହେଲେ ଗୃହ ପରିପୂର୍ଣ୍ଣ ଦେଖାଯିବ ନାହିଁ। ରାଜ୍ୟବାସୀ କ୍ଷମା ଦେବେ ନାହିଁ କିମ୍ବା ସମ୍ବିଧାନ କ୍ଷମା ଦେବ ନାହିଁ। ଏଥିପାଇଁ ସମସ୍ତ ରାଜ୍ୟବାସୀ ବିସ୍ମିତ, ସମସ୍ତଙ୍କ ମୁଣ୍ଡ ଲଜ୍ଜାରେ ତଳକୁ ନଇଁଯାଉଛି। ଏହା ପରେ ବାଚସ୍ପତି କଂଗ୍ରେସ ବିଧାୟକଙ୍କୁ ବୁଝାଇ ଗୃହକୁ ଆଣିବାକୁ ସରକାରୀ ମୁଖ୍ୟ ସଚେତକ ଓ ଉପ ମୁଖ୍ୟ ସଚେତକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ହୋଲଡିଂ ଟ୍ୟାକ୍ସ ଖିଲାପକାରୀଙ୍କ ନାଁ ସାର୍ବଜନୀନ କଲା ବିଏମ୍‌ସି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ହୋଲଡିଂ ଟ୍ୟାକ୍ସ ବା ଗୃହ ଟିକସ ଖିଲାପକାରୀଙ୍କ ନାଁ ଘୋଷଣା କରିଛି ଭୁବନେଶ୍ୱର ମହାନଗର ନିଗମ। ବହୁଦିନ ଧରି ବକେୟା ରଖିଥିବା ଏବଂ ଅଧିକ ଟଙ୍କା ବକେୟା ଥିବା ଖିଲାପକାରୀଙ୍କୁ ବିଏମ୍‌ସି ନୋଟିସ୍ ଦେବା ସହିତ ସେମାନଙ୍କ ନାଁ ସାର୍ବଜନୀନ କରିଛି। ସୂଚନା ଅନୁଯାୟୀ, ୫୦ ଲକ୍ଷରୁ ୧ କୋଟି ଟଙ୍କା ବକେୟା ବର୍ଗରେ ଦକ୍ଷିଣ-ପୂର୍ବ ଜୋନ୍‌ର ୩ ଜଣ, ଦକ୍ଷିଣ-ପଶ୍ଚିମ ଜୋନ୍‌ର ୫ଜଣ ଏବଂ ଉତ୍ତର ଜୋନର ୭ଜଣ ରହିଛନ୍ତି। ସେହିପରି ୧ କୋଟିରୁ ଊର୍ଦ୍ଧ୍ୱ ବକେୟା ରାଶିରେ ଦକ୍ଷିଣପୂର୍ବ ଜୋନ୍‌ର ୫ଜଣ, ଦକ୍ଷିଣ-ପଶ୍ଚିମ ଜୋନ୍‌ର ୫ଜଣ ଏବଂ ଉତ୍ତର ଜୋନ୍‌ର ୬ଜଣ ରହିଛନ୍ତି।

ବିଏମ୍‌ସି କମିଶନର୍ ରାଜେଶ ପ୍ରଭାକର ପାଟିଲା କହିଛନ୍ତି, ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ମାଲିକ ଖିଲାପ କରୁଛନ୍ତି। ସେଥିପାଇଁ ନୋଟିସ୍ ଦିଆଯିବା ସାଙ୍ଗକୁ କଲେକସନ୍ ଟିମ୍ ସେମାନଙ୍କ ନିକଟକୁ ଯାଉଛନ୍ତି। କିଛି ବ୍ୟକ୍ତି ଅନେକ ଦିନ ହେବ ଘର କରିଥିଲେ ବି ଆଢୁଆଳରେ ରହି ଟିକସ ଫାଙ୍କିବାର ଦୃଷ୍ଟିଗୋଚର ହୋଇଛି। କିଛି ବ୍ୟବସାୟିକ ଅନୁଷ୍ଠାନଙ୍କୁ ସିଲ୍ କରିବାକୁ ନୋଟିସ୍ ପରେ ସେମାନେ ଟ୍ୟାକ୍ସ ଦେଇଛନ୍ତି। ବକେୟା ଟ୍ୟାକ୍ସ ତୁରନ୍ତ ପ୍ରଦାନ କରିବାକୁ ବିଏମ୍‌ସି ପକ୍ଷରୁ ଖିଲାପ-କାରୀଙ୍କୁ ଚେତାଇ ଦିଆଯାଇଛି। ସହଯୋଗ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛି ବିଏମ୍‌ସି। ନାଗରିକମାନେ ଅନ୍‌ଲାଇନ୍ ରେ କିମ୍ବା ପାଖ ୱାର୍ଡ ଅଫିସରେ ଏହି ଟ୍ୟାକ୍ସ ଦେଇପାରିବେ।

# ସ୍ମୃତିବନରେ ବିଶିଷ୍ଟ ଗାନ୍ଧୀବାଦୀ ଅଚ୍ୟୁତାନନ୍ଦ ସାମଲଙ୍କ ସ୍ମୃତିରେ ଚାରା ରୋପଣ ଓ ସ୍ମୃତିଶିଳା ସ୍ଥାପନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବରୀ ଅଞ୍ଚଳର ବିଶିଷ୍ଟ ଗାନ୍ଧୀବାଦୀ ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଅଚ୍ୟୁତାନନ୍ଦ ସାମଲଙ୍କ ୯୦ତମ ଜନ୍ମ ଦିବସ ଅବସରରେ ବୁଧବାର ଭୁବନେଶ୍ୱର ଉପକଣ୍ଠସ୍ଥ ପାତ୍ରପଡ଼ାରେ ଥିବା ସ୍ମୃତିବନରେ ଚାରା ରୋପଣ ସହିତ ସ୍ମୃତିଶିଳା ସ୍ଥାପନ କରାଯାଇଛି।

ଅଚ୍ୟୁତାନନ୍ଦ ସାମଲ ସ୍ମାରକ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ବିଶିଷ୍ଟ ସାହିତ୍ୟିକ ନିଳୟକାନ୍ତ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଶତ୍ରୁଜିତ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦର ପ୍ରାକୃତିକ ପରିବେଶ ମଧ୍ୟରେ ଏଭଳି ସ୍ମୃତି ଚାରଣ ଜରିଆରେ ଦିବଂଗତ ଅଚ୍ୟୁତାନନ୍ଦ ସାମଲଙ୍କ ଆବେଗ ବିହ୍ୱଳ ଶ୍ରଦ୍ଧା ପଛରେ ଥିଲା ତ୍ୟାଗପୂତ ଜୀବନ ଓ ସେବା ପାଇଁ ସମର୍ପିତ ଜୀବନର ଅମର କାହାଣୀ ବୋଲି ଅତିଥିମାନେ ମତ ଦେଇଥିଲେ। ସ୍ମାରକ ପ୍ରତିଷ୍ଠାନର ସଭାପତି ନିମାଇଁ ରାୟ ଓ ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କ ସଂଯୋଜନାରେ




ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରୀ ଅଞ୍ଚଳର ବହୁ ଶୁଭେଚ୍ଛୁ ଏବଂ ଅଚ୍ୟୁତାନନ୍ଦ ସାମଲ ସ୍ମାରକ ପ୍ରତିଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ।

## କଟକ ସହରାଞ୍ଚଳରେ ୧୦୯ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ସହରାଞ୍ଚଳରେ ଖାଲି ପଡିଥିବା ୧୦୯ଟି ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନକାରୀ କଟକ ସହରାଞ୍ଚଳ ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଆବେଦନକାରୀଙ୍କ ବୟସ ୧.୧.୨୦୨୫ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଓ ୬୦ ବର୍ଷରୁ ଅଧିକ ହୋଇନଥିବ ଏବଂ ସେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ସେ ଓଡ଼ିଆ ଭାଷାରେ କହିବା, ପଢିବା ଲେଖିବା ଜାଣିଥିବା ଆବଶ୍ୟକ। ଆବେଦନ-କାରୀଙ୍କ ନାମରେ କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ ନ ଥିବେ ଏବଂ ତାଙ୍କର କୌଣସି ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ। ଡ୍ରାଇଭିଂ, କମ୍ପ୍ୟୁଟର ଡାଟା ଏଣ୍ଟ୍ରି, ହାଡଓୟାର, ଇଲେକ୍ଟ୍ରିସିଆନ୍, ଅଟୋ-ମୋବାଇଲ୍, ମେକାନିକ, ରୋଷେୟା, ଭଣ୍ଡାରୀ, ସଫେଇ କର୍ମଚାରୀ, ପାଣି ପାଇପ ମେକାନିକ, ମାଳି ଆଦି କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମରିସସରେ ନୂଆ...

ପରସ୍ପର ସହିତ ଛିଡ଼ା ହୋଇଛୁ। ସ୍ୱାସ୍ଥ୍ୟ ହେଉ, ମହାକାଶ ହେଉ କିମ୍ବା ପ୍ରତିରକ୍ଷା, ଆମେ ପରସ୍ପର ସହିତ ଆଗକୁ ବଢ଼ୁଛୁ। ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦି ମରିସସର ଲୋକମାନଙ୍କୁ ସେମାନଙ୍କ ଜାତୀୟ ଦିବସରେ ଅଭିନନ୍ଦନ ଜଣାଇଥିଲେ ଏବଂ କହିଥିଲେ ଯେ ଏହା ତାଙ୍କର ସୌଭାଗ୍ୟ ଯେ ତାଙ୍କୁ ଏହାର ଜାତୀୟ ଦିବସରେ ପୁଣି ଥରେ ମରିସସ ଗସ୍ତ କରିବାର ସୁଯୋଗ ମିଳିଛି। ବୁଧବାର ସକାଳେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମରିସସର ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜୁଗନୌଥଙ୍କୁ ଭେଟିଥିଲେ। ବିଭିନ୍ନ କ୍ଷେତ୍ରରେ ଭାରତ-ମରିସସ ସହଯୋଗ ବୃଦ୍ଧି କରିବା ଉପରେ ଦୁହେଁ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମରିସସର ସାଂସଦ ଏବଂ ବିରୋଧୀ ଦଳ ନେତା ଜର୍ଜସ ପିଏରେ ଲେଜୋଙ୍ଗାର୍ଡଙ୍କୁ ମଧ୍ୟ ଭେଟିଥିଲେ। ଭାରତ-ମରିସସ ବନ୍ଧୁତାକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ଉପଯୋଗୀ ଆଲୋଚନା ହୋଇଥିଲା।

## ଚଳିତ ବର୍ଷ...

ଏଜି ଛକ ଠାରେ ଭୂତଳ ରାସ୍ତା ନିର୍ମାଣ, କଳାହାଣ୍ଡି ଠାରୁ ବରିମୁଣ୍ଡ ଓ ଗୁରୁ କେଳୁଚରଣ ପାର୍କ ଠାରୁ ଫୁଲନଖରା ପର୍ଯ୍ୟନ୍ତ ଏକ ରାସ୍ତା ଓ ଏହି ରାସ୍ତାରେ ଏକ ନୂତନ ରେଳ ଓଭର ବ୍ରିଜ୍ ନିର୍ମାଣ, ଭୁବନେଶ୍ୱର ଇନର ଓ ଆଉଟର ରିଂ ରୋଡ୍ ନିର୍ମାଣର ଯୋଜନା କରାଯାଇଛି। ସେହିପରି ରାଜ୍ୟ ରାଜପଥଗୁଡିକରେ କ୍ରମାଗତ ଟ୍ରାଫିକ୍ ବୃଦ୍ଧିକୁ ଦୃଷ୍ଟିରେ ରଖି କେତେକ ନିର୍ଦ୍ଦିଷ୍ଟ ରାଜପଥକୁ ୪ ଥାକିଆ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ୪ଟି ବୃହତ୍ତ ସେତୁ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ମନ୍ତ୍ରୀ କହିଥିଲେ ୩୧୯ କୋଟି ବ୍ୟୟରେ ଭଦ୍ରକ ଚାନ୍ଦବାଲି ରାସ୍ତାର ବୈତରଣୀ ନଦୀ ଉପରେ ଦ୍ୱିତୀୟ ସେତୁ, ୨୮୪ କୋଟି ବ୍ୟୟରେ କଟକ-ଚାନ୍ଦବାଲି ରାସ୍ତାରେ ଖରସ୍ରୋତା ନଦୀ ଉପରେ ଦ୍ୱିତୀୟ ସେତୁ, ୩୦୭ କୋଟି ଟଙ୍କା ବ୍ୟୟରେ କଟକ-ଚାନ୍ଦବାଲି ରାସ୍ତାର ପାତ୍ରପୁରଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ଏବଂ ୩୫୪ କୋଟି ବ୍ୟୟରେ ପୂଜାରୀପାଲି ଘାଟ-ଜରିମୂଳ ରାସ୍ତାରେ ଝାରସୁଗୁଡା ଓ ବରଗଡ ଜିଲ୍ଲାକୁ ସଂଯୋଗ କରିବା ପାଇଁ ମହାନଦୀ ଉପରେ ସେତୁ ନିର୍ମାଣର ଯୋଜନା କରାଯାଇଛି। ମନ୍ତ୍ରୀ କହିଥିଲେ ୨୦୩୬ ମସିହାରେ ନୂତନ ରାଜ୍ୟଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିକଶିତ ଓଡ଼ିଶା ପରିକଳ୍ପନାକୁ ବାସ୍ତବ ରୂପରେଖ ଦେବା ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ଦକ୍ଷିଣରୁ ଉତ୍ତରକୁ ସଂଯୋଗ କରୁଥିବା ମୋଟୁ ଠାରୁ ତିରିଙ୍ଗ ପର୍ଯ୍ୟନ୍ତ ଏକ ସୁଦୀର୍ଘ ୯୬୯ କି.ମି ନୂତନ ୬ ଥାକିଆ ରାସ୍ତା ନିର୍ମାଣ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହି ରାସ୍ତା ରାଜ୍ୟର ଏକ ମୁଖ୍ୟ ଓ ମେରୁଦଣ୍ଡ ସଦୃଶ୍ୟ ରାସ୍ତା ହେବ। ଏଥିପାଇଁ ଆନୁମାନିକ ୧୫ ହଜାର କୋଟିର ଅଟକଳ କରାଯାଇଛି। ମନ୍ତ୍ରୀ କହିଥିଲେ ଓଡ଼ିଶାର ଚତୁଃପାର୍ଶ୍ୱରେ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ଏକ ବୃହତ୍ତ ରିଂ ରୋଡର ପରିକଳ୍ପନା କରାଯାଇଛି। ଏହି ଯୋଜନାରେ ବ୍ରହ୍ମପୁରଠାରୁ ଜୟପୁର ପର୍ଯ୍ୟନ୍ତ ୨୮୭ କି.ମି ରାସ୍ତା ନିର୍ମାଣ ପାଇଁ ୯ ହଜାର କୋଟି ଟଙ୍କା, ଜୟପୁରଠାରୁ ରାଉରକେଲା ପର୍ଯ୍ୟନ୍ତ ରାସ୍ତାରେ ଥିବା ଅବଶିଷ୍ଟ ଦୁଇ ଥାକିଆ ବିଶିଷ୍ଟ ୧୦୧ କିଲୋମିଟର ରାସ୍ତାକୁ ୪ ଥାକିଆ କରିବା ପାଇଁ ୨୫୦୦ କୋଟି ଟଙ୍କା ଓ ରାଉରକେଲାଠାରୁ ଜଳେଶ୍ୱର ମଧ୍ୟରେ ଅବଶିଷ୍ଟ ୧୭୬ କି.ମି ରାସ୍ତାକୁ ୪ ଥାକିଆ କରିବା ପାଇଁ ୨୨୦୦ କୋଟି ଟଙ୍କାର ଯୋଜନା କରାଯାଇଛି। ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ କହିଥିଲେ ରାସ୍ତା ନିର୍ମାଣ କ୍ଷେତ୍ରରେ ନୂତନ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯାଉଛି ବିଭାଗରେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ସରକାର ଟ୍ରେନିଂ କ୍ୟାଲେଣ୍ଡର ପ୍ରସ୍ତୁତ କରି ବିଭାଗର ଯନ୍ତ୍ରୀମାନଙ୍କୁ ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ଏବଂ ଡୋମେନ୍ ଏକ୍ସପର୍ଟଙ୍କ ଦ୍ୱାରା ଟ୍ରେନିଂ କାର୍ଯ୍ୟକ୍ରମ କରାଯାଉଛି। ଜାତୀୟସ୍ତରରେ ଯନ୍ତ୍ରୀମାନଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଉଛି। ବିଭାଗର ଖାଲି ଥିବା ଯନ୍ତ୍ରୀ ପଦବୀ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟରେ ଗୃହର ଅନୁମୋଦନ ଲାଭ କରିଥିଲା। ତେବେ ଏହା ପୂର୍ବରୁ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେଡ଼ି ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ।

## ଆକାଶରେ ବାହୁବଳୀ ...

ଲଢୁଆ ବିମାନ ଅବସର ନେବାକୁ ଯାଉଛି। ଏହାର ଅର୍ଥ ହେଉଛି ୧୦ ରୁ ୧୨ ବର୍ଷ ମଧ୍ୟରେ ଭାରତୀୟ ବାୟୁସେନାରୁ ଅନେକ ଲଢୁଆ ବିମାନ ହଟାଇ ଦିଆଯିବ। ଏଥିରେ ଜାଗୁଆର, ମିରାଜ-୨୦୦୦ ଏବଂ ମିଗ-୨୯ ଭଳି ଯୁଦ୍ଧ ବିମାନ ଅନ୍ତର୍ଭୁକ୍ତ। ଦେଶର ବାୟୁ ଶକ୍ତିରେ କୌଣସି କମ ନହେବା ପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ବିମାନଗୁଡ଼ିକୁ ବଦଳାଇବା ଦିଗରେ ଆଗକୁ ବଢ଼ୁଛି। ସୂଚନା ଅନୁଯାୟୀ, ଟେଣ୍ଡରରେ ସାମିଲ ହୋଇଥିବା ବିମାନଗୁଡ଼ିକ ମଧ୍ୟରେ ରାଫେଲ, ଗ୍ରୀପେନ, ୟୁରୋଫାଇଟର ଟାଇଫୁନ, ମିଗ-୩୧ ଏବଂ ଏଫ-୧୬ ଯୁଦ୍ଧ ବିମାନ ଅନ୍ତର୍ଭୁକ୍ତ। ଏହି ବିମାନଗୁଡ଼ିକ ୧୨୬ଟି ଲଢୁଆ ବିମାନ ପାଇଁ ପୂର୍ବ ଟେଣ୍ଡରରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟ ଖବର ଅଛି ଯେ ଭାରତୀୟ ବାୟୁସେନା ୨୦୪୭ ସୁଦ୍ଧା ଏହାର ସ୍କ୍ୱାଡ୍ରନର ସଂଖ୍ୟା ୬୦କୁ ବୃଦ୍ଧି କରିବାକୁ ଚାହୁଁଛି। ସୂଚନାଯୋଗ୍ୟ, ଏହି ସମୟ ମଧ୍ୟରେ ୧୧୪ଟି ଲଢୁଆ ବିମାନ ବ୍ୟତୀତ, ସ୍ୱଦେଶୀ ଯୁଦ୍ଧ ବିମାନ ତେଜସର ବିଭିନ୍ନ ସଂସ୍କରଣ ଯେପରିକି ମାର୍କ-୧ଏ ଏବଂ ମାର୍କ-୨ ମଧ୍ୟ ବାୟୁସେନା ଫ୍ଲିଟରେ ସାମିଲ କରାଯିବ।

## ସାମ୍ବାଦିକମାନେ ବିଧାନସଭା...

ରେକର୍ଡିଂ କରାଯାଇ ପାରିବ ନାହିଁ ବୋଲି ଆଦେଶ ଜାରି କରାଯାଇଛି। ଘଟଣାକୁ ନେଇ ବୁଧବାର ବିଧାନସଭା ପରିସରରେ ଏକ ଅପ୍ରୀତିକର ପରିସ୍ଥିତ ଉପୁଜିଥିଲା। ପୂର୍ବ ଦିନ ଅର୍ଥାତ୍ ମଙ୍ଗଳବାର ଗୃହରେ ବିରୋଧୀ ଓ ଶାସକ ଦଳର ବିଧାୟକମାନଙ୍କ ମଧ୍ୟରେ ଧସ୍ତାଧସ୍ତି ଘଟଣା ପରେ ବିଧାନସଭା ପ୍ରେସ ଗ୍ୟାଲେରୀକୁ ସାମ୍ବାଦିକମାନେ ମୋବାଇଲ ଫୋନ ନେଇ ଯିବା ପାଇଁ ବାରଣ କରାଯାଇଥିଲା। ସାମ୍ବାଦିକମାନେ ଗ୍ୟାଲେରୀ ବାହାରେ ଫୋନ ରଖି ଯାଇପାରିବେ ବୋଲି କୁହାଯାଇଥିଲା। ଏହାର ପ୍ରତିବାଦରେ ସାମ୍ବାଦିକମାନେ ବିଧାନସଭା ପରିସରରେ ଧାରଣା ଦେଇଥିଲେ। ଗାନ୍ଧୀ ମୂର୍ତ୍ତି ସାମ୍ନାରେ ବସି ପ୍ରତିବାଦ କରିଥିଲେ। କଂଗ୍ରେସ ଓ ବିଜେଡି ବିଧାୟକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ପୂର୍ବ ସରକାରଗୁଡ଼ିକ ମଧ୍ୟ ସାମ୍ବାଦିକମାନଙ୍କ ଉପରେ ଏଭଳି ଅନେକ କଟକଣା ଲଗାଇଥିଲେ। ମାତ୍ର ବୁଧବାର ଘଟଣାରେ ବାଚସ୍ପତି ସୁରମା ପାଢ଼ୀ ନିଜେ ହସ୍ତକ୍ଷେପ କରି ମାମଲାଟିର ସମାଧାନ କରିଦେଇଛନ୍ତି।

## ଆଜିର ବିଜେଡି ...

ବାବୁଙ୍କ ସମ୍ମାନ ପାଇଁ ମୋହନ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି। ଏ ଦୃଷ୍ଟିରୁ ବିଜେଡ଼ି ପକ୍ଷରୁ ଆଗତ କରାଯାଇଥିବା ମୁଲତବୀ ପ୍ରସ୍ତାବର ଯଥାର୍ଥତା ନାହିଁ ବୋଲି ଦର୍ଶାଇଥିଲେ ମନ୍ତ୍ରୀ ଶ୍ରୀ ନାୟକ। ରାଜ୍ୟ ସରକାର ମାର୍ଚ୍ଚ ୫ ତାରିଖରେ ପାଳିତ ହେଉଥିବା ପଞ୍ଚାୟତିରାଜ ଦିବସକୁ ପରିବର୍ତ୍ତନ କରି ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରିଥିବା ଅଭିଯୋଗ ଦର୍ଶାଇ ବୁଧବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ଉପରେ ବିଜେଡ଼ିର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଗଣେଶ୍ୱର ବେହେରା ଆଲୋଚନାରେ ଭାଗ ନେଇ ରାଜ୍ୟ ସରକାର ବିଜୁ ପଟ୍ଟନାୟକଙ୍କ ପ୍ରତି ଅସମ୍ମାନ କରି ତାଙ୍କ ଛବିକୁ ମଳିନ କରିବାକୁ ଷଡଯନ୍ତ୍ର କରୁଥିବା ଅଭିଯୋଗ କରିଥିଲେ। ବିରୋଧୀ ଦଳ ଉପନେତା ଶ୍ରୀ ଆଚାର୍ଯ୍ୟ ଅଭିଯୋଗ କରିଥିଲେ ଯେ, ବିଜୁ ବାବୁଙ୍କ ସ୍ମୃତିକୁ ମଳିନ କରିବାକୁ ସରକାରଙ୍କ ଷଡଯନ୍ତ୍ର କରିଛନ୍ତି। ସେ କହିଛନ୍ତି ବିଜୁ ବାବୁ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନୁହଁନ୍ତି, ସେ ଜଣେ ସ୍ୱାଧୀନତା ସଂଗ୍ରାମୀ। ସେ ଓଡ଼ିଶା ବିକାଶର ବିନ୍ଧାଣୀ। ସେ ଅନ୍ତର୍ଜାତୀୟ ନେତା। ଯେବେ ଠାରୁ ବିଜୁ ଜୟନ୍ତୀ ପଞ୍ଚାୟତିରାଜ ଦିବସ ଭାବେ ପାଳନ ହେଉଥିଲା, ସେ ସମୟରେ ବିଜେଡି ସହ ବିଜେପି ମେଣ୍ଟରେ ଥିଲେ। ସେ ସମୟରେ କିଛି ଆପତ୍ତି ଉଠାଇନଥିଲେ। ସରକାରୀ ଡାଏରୀରେ ବି ପଞ୍ଚାୟତିରାଜ ଦିବସ ଥିଲା। ହେଲେ ହଠାତ୍ ଏହାକୁ ବନ୍ଦ କରାଗଲା। ଏହା ସରକାରଙ୍କ ହୀନ ମାନସିକତା। ଏପରି ସରକାର ଚାଲିବ ନାହିଁ ବୋଲି ସେ କହିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ଯେପରି ବିଜୁ ବାବୁଙ୍କ ବ୍ୟକ୍ତିଗତ ଜୀବନ ନେଇ କହୁଛନ୍ତି, ତାକୁ ଆମେ ବିରୋଧ କରି ଗୃହ ପରିତ୍ୟାଗ କରୁଛୁ ବୋଲି କହି କକ୍ଷ ତ୍ୟାଗ କରିଥିଲେ। ଏହି ଆଲୋଚନାରେ ଶାସକ ଦଳର ବିଧାୟକ ବାବୁ ସିଂ, ଅମର ନାୟକ, ସନ୍ତୋଷ ଖଟୁଆ ମଧ୍ୟ ଭାଗ ନେଇଥିଲେ।

## ଓଡ଼ିଶାରେ ତାପମାତ୍ରା ...

ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି, ହୀରାକୁଦରେ ପାରଦ ୩୮.୭ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇଛି। ରାଉରକେଲାରେ ୩୮.୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଏହା ବ୍ୟତୀତ, ଭଦ୍ରକ ଜିଲାର ଚାନ୍ଦବାଲିରେ ଆଜି ୩୭.୬ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଏହା ବ୍ୟତୀତ, କେନ୍ଦୁଝର ଏବଂ ବାଲେଶ୍ୱରରେ ଯଥାକ୍ରମେ ୩୭ ଡିଗ୍ରୀ ଏବଂ ୩୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଆଜି ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ବାସିନ୍ଦାଙ୍କ ତାପମାତ୍ରା ୩୬.୬ ଡିଗ୍ରୀ ରହିଛି। ଏହି ସମୟରେ ପାଣିପାଗ ବିଭାଗ ଆଗାମୀ ଚାରି ଦିନ ପାଇଁ ଓଡିଶା ପାଇଁ ଏକ ହିଟ୍‌ୱେଭ ସତର୍କତା ଜାରି କରିଛି। ଏହା ଅନେକ ଜିଲ୍ଲା ପାଇଁ ୟେଲୋ ଏବଂ ଅରେଞ୍ଜ ୱାର୍ଣ୍ଣିଂ ଉଭୟ ସତର୍କତା ଜାରି କରିଛି। ଯେଉଁଠାରେ ଆସନ୍ତାକାଲିଠାରୁ ତୀବ୍ର ହିଟ୍‌ୱେଭ ପରିସ୍ଥିତି ଦେଖାଦେବାର ସମ୍ଭାବନା ଅଛି। ପାଣିପାଗ ବିଶେଷଜ୍ଞ ମଧ୍ୟ ପୂର୍ବାନୁମାନ କରିଛନ୍ତି ଯେ ଓଡିଶାର ଜିଲାଗୁଡ଼ିକରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ସର୍ବାଧିକ ତାପମାତ୍ରା (ଦିନର ତାପମାତ୍ରା) ଧୀରେ ଧୀରେ ୨-୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ୨୪ରେ ଓଡ଼ିଶା...

ହେଲିକପ୍ଟର ଯୋଗେ କଣ୍ଟିଲୋ ନୀଳମାଧବ ମନ୍ଦିର ଗସ୍ତ କରିବେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ରାଷ୍ଟ୍ରପତି ଜଗନ୍ନାଥ ସଂସ୍କୃତିର ମୂଳପୀଠ ଭାପୁର ବ୍ଲକ ଅଧୀନ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ ଶବର ରାଜା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ୧୦ ମାସ ପରେ...

ଉତକ୍ଷେପଣ ପାଇଁ କ୍ରୁ-୯ ମାର୍ଚ୍ଚ ୧୬ରେ ଉଡ଼ାଣ ଭରିବ। ଏଭଳି ସମନ୍ୱିତ ସମୟ ଦ୍ୱାରା ଆଇଏସଏସରେ ମହାକାଶଚାରୀମାନଙ୍କୁ ସୁରୁଖୁରୁରେ ସ୍ଥାନାନ୍ତର କରାଯାଇପାରିବ ଏବଂ ମହାକାଶ ଷ୍ଟେସନରେ କରାଯାଉଥିବା ଅପରେସନରେ ନିରନ୍ତରତା ବଜାୟ ରଖାଯାଇପାରିବ। ସୁନିତା ୱିଲିୟମ୍ସ ଏବଂ ବ୍ୟାରି ୱିଲମୋରଙ୍କୁ ପ୍ରଥମେ ଆଇଏସଏସରେ ୧୦ ଦିନିଆ ମିଶନ ଦିଆଯାଇଥିଲା ତେବେ ମହାକାଶଯାନରେ ଗୁରୁତର ବୈଷୟିକ ତ୍ରୁଟି କାରଣରୁ ଏହି ଅଭିଯାନର ସମୟସୀମାକୁ ବଢ଼ାଇ ଦିଆଯାଇଥିଲା। ଦୀର୍ଘକାଳୀନ ଅଭିଯାନ ଆହ୍ୱାନପୂର୍ଣ୍ଣ ଥିଲା କିନ୍ତୁ ମହାକାଶରେ ମୂଲ୍ୟବାନ ବୈଜ୍ଞାନିକ ଗବେଷଣା ଏବଂ ପର୍ଯ୍ୟବେକ୍ଷଣ ମଧ୍ୟ ହାସଲ କରିଥିଲା।

# କୋଟିଆରେ ଆନ୍ଧ୍ର ସୃଷ୍ଟି କଲା ଆପାର ଆଇଡି : ଓଡ଼ିଶା ମାରିଲା ଫେଲ !

**କୋରାପୁଟ, ନ୍ୟୁଜ୍**

ବିବାଦୀୟ କୋଟିଆ ଅଞ୍ଚଳରେ ରହିଥିବା ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କ ଆପାର ଆଇଡି ସୃଷ୍ଟି କରିବାରେ ଆନ୍ଧ୍ର ପ୍ରାୟ ୯୦ ପ୍ରତିଶତ ସଫଳତା ହାସଲ କରିଥିବାବେଳେ, ଓଡ଼ିଶା କିନ୍ତୁ ଏଥିରେ ଫେଲ୍ ମାରିଛି। ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିବାଦୀୟ କୋଟିଆ ଅଞ୍ଚଳର ଛାତ୍ର ଛାତ୍ରୀଙ୍କ ଆପାର ଆଇଡି ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି ବରିଷ୍ଠ ସାମ୍ବାଦିକ ନୀରଜ ଶତପଥୀ। କୋଟିଆ ପଞ୍ଚାୟତର ତଳ ସେମ୍ଳି, ଉପର ସେମ୍ଳି, ଧୂଳିପଦର, ଡୋଲିଆମ୍ବ, ଫାଟୁସିନେରୀ, ଫଗୁଣସିନେରୀ ସମେତ ଅଣବିବାଦୀୟ ଗାଲିଗାବଦାର ଆଦି ଗ୍ରାମରେ ରହିଥିବା ଓଡ଼ିଶା ସରକାରଙ୍କ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଆପାର ଆଇଡି ଓଡ଼ିଶାର ଶିକ୍ଷା ବିଭାଗ ସୃଷ୍ଟି କରିବା ପୂର୍ବରୁ ଆନ୍ଧ୍ର ସେମାନଙ୍କର ଆପାର ଆଇଡି ସୃଷ୍ଟି କରି ଦେଇଛି। ବିଶେଷ କରି ପ୍ରାୟ ୯୦ ପ୍ରତିଶତ ଆନ୍ଧ୍ର ଆପାର ଆଇଡି ସୃଷ୍ଟି କରିବାରେ ସଫଳତା ହାସଲ କରିଥିବା ବେଳେ ଓଡ଼ିଶା ପକ୍ଷରୁ ବଳକା ସଫଳତା ମିଳିଥିବା ଜଣାପଡ଼ିଛି। ଉପର ସେମ୍ଳି ପ୍ରାଥମିକ ବିଦ୍ୟାଳୟରେ ୩୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ କେବଳ ୫ ଜଣଙ୍କ ଆପାର ଆଇଡି ଓଡ଼ିଶା



ପକ୍ଷରୁ ସୃଷ୍ଟି ହୋଇପାରିଛି। ସେହିପରି ଧୂଳିପଦର ପ୍ରାଥମିକ ବିଦ୍ୟାଳୟରେ ୨୨ ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ କେବଳ ୪ ଜଣଙ୍କ ଆପାର ଆଇଡି ସୃଷ୍ଟି ହୋଇପାରିଛି। ଅନ୍ୟ ପକ୍ଷରେ ଆନ୍ଧ୍ର ପକ୍ଷରୁ ସେମ୍ଳିରେ ପ୍ରାୟ ୩୦ ଜଣଙ୍କ ଆପାର ଆଇଡି ସୃଷ୍ଟି ହୋଇଥିବାବେଳେ ଧୂଳିପଦର ଗ୍ରାମରେ ଆନ୍ଧ୍ର ବିଦ୍ୟାଳୟରେ ପଢୁଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧ ଜଣଙ୍କ ଆପାର ଆଇଡି ସୃଷ୍ଟି ହୋଇଥିବା ନେଇ ସଂପୃକ୍ତ ଆନ୍ଧ୍ର ବିଦ୍ୟାଳୟର ଶିକ୍ଷକ ସୂଚନା ଦେଇଛନ୍ତି। ଏହି ସବୁ ଅଞ୍ଚଳରେ ଦୁଇଟି ପ୍ରଦେଶର ଆଧାର କାର୍ଡ ରହିଥିବାବେଳେ ଓଡ଼ିଶା ଶିକ୍ଷା ବିଭାଗ ପକ୍ଷରୁ ଆପାର ଆଇଡି ସୃଷ୍ଟି କରିବା ପୂର୍ବରୁ ଆନ୍ଧ୍ରପ୍ରଦେଶ ଶିକ୍ଷା ବିଭାଗ ବିବାଦୀୟ କୋଟିଆ ଅଞ୍ଚଳର ଛାତ୍ର ଛାତ୍ରୀଙ୍କ ଆପାର ଆଇଡି ସୃଷ୍ଟି କରିସାରିଛି। ଯାହା ଫଳରେ ଓଡ଼ିଶାର ବିଦ୍ୟାଳୟରେ ନାମ ଥାଇ ବି ଏବେ ସେହିମାନେ ଆନ୍ଧ୍ରର ଛାତ୍ରଛାତ୍ରୀ ହୋଇଯାଇଛନ୍ତି। ଗୋଟିଏ ଦେଶ ଗୋଟିଏ ଛାତ୍ର ଏବେ ବିବାଦୀୟ କୋଟିଆ ଅଞ୍ଚଳରେ ଓଡ଼ିଶା ପାଇଁ ସମସ୍ୟା ସୃଷ୍ଟି କରିଛି। ବିବାଦୀୟ କୋଟିଆ ଅଞ୍ଚଳରେ ଏପରି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଓଡ଼ିଆ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବେ କେଉଁ ରାଜ୍ୟର ହେବେ? ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଏ ସଂପର୍କରେ ତାଙ୍କ ନିକଟରେ ସୂଚନା ନ ଥିବା ଏବଂ ସେପରି ଯଦି ହୋଇଥାଏ ତେବେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି। ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାର ଛାତ୍ରଛାତ୍ରୀଙ୍କର ଯେପରି ଓଡ଼ିଶାରେ ଆପାର ଆଇଡି ସୃଷ୍ଟି ହୋଇ ପାରିବ ସେ ଦିଗରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେବାପାଇଁ ପଟାଙ୍ଗୀ ବିଧାୟକ ରାମ ଚନ୍ଦ୍ର କାଡାମ ଦାବି ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 54-KUR-TRD-OT-2024-25

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଦକ୍ଷିଣ ସେକ୍ସନ ଠାରେ ଲିନିଙ୍ଗ୍ OHE ଷ୍ଟ୍ରକ୍‌ଚରର ସ୍ଥାନରେ ସମ୍ବନ୍ଧ (Associate) ଉପକରଣ ସହିତ ନୂଆ OHE ଷ୍ଟ୍ରକ୍‌ଚର ର ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** ₹6,80,13,971.34, **EMD (ଟଙ୍କାରେ):** ₹ 4,90,100/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1065/P/24-25

**ପୌରପରିଷଦ କାର୍ଯ୍ୟାଳୟ : ଝାରସୁଗୁଡ଼ା** C-1848

MUNICIPAL OFFICE : JHARSUGUDA.

No. 1045/JM
e-Mail : jsgmunicipality@yahoo.com
jharsugudam.hud@nic.in

Dt. 10.03.2025
Fax : 06645-273019.
☎ : 06645-273019.

**Expression of Interest (EOI)**
**for Rejuvenation of Water body in Tali Kanta(Ward no.15)**

Jharsuguda Municipality, invites Expression of Interest in sealed cover from interested Mission Shakti SHGs to be engaged for Water body rejuvenation project in TaliKanta (Ward no.15) during the Year 2024-25. The sealed Expression of Interest should be submitted to the address of Jharsuguda Municipality on or before Dt. 20.03.2025 by 3.00 PM by registered/speed post/ courier in Jharsuguda Municipality.

The Technical Bid will be opened on date- 20.03.2025 at 3.30 PM in the conference hall of Jharsuguda Municipality. The sealed envelope should be superscripted with **"EOI for Rejuvenation of 'Talikanta Water Body "**. The detailed terms and conditions of the Expression of Interest is available in website as mentioned below.
https://jharsugudamunicipality.in
https://jharsuguda.odisha.gov.in/

Sd/- Executive Officer
Jharsuguda Municipality

OIPR-13165/11/0055/2425

**OFFICE OF THE JAGATSINGHPUR MUNICIPALITY, JAGATSINGHPUR** C-1851

No. 1788 / Date. 12.03.2025

**QUOTATION CALL NOTICE**

Sealed quotations are invited from the Intending Quotationers/Contractors/Experience/Reputed Painters for **"Wall painting of 2D/3D type/Mural painting with durable and best quality of paints on different walls in different places of Wards inside Jagatsinghpur Municipality area, Dist- Jagatsinghpur".** The Detail Quotation documents will be available in the District website of Jagatsinghpur i.e. www.Jagatsinghpur.nic.in from dt- .2025 to dt- .2025. The quotation document must be submitted to the office of the Executive Officer, Jagatsinghpur Municipality, Jagatsinghpur through Regd. Post/Speed Post only. The bidder should subscribe **"Wall painting of 2D/3D type/Mural painting with durable and best quality of paints on different walls in different places of Wards inside Jagatsinghpur Municipality area,Dist- Jagatsinghpur"** on the top of the envelope.

Last date of receipt of Quotation : 27.03.2025 up to 04.00 P.M
Date of opening of Quotation : 28.02.2025 at 11.30A.M.
The authority reserves the right to accept or reject any proposals without assigning any reasons thereof.

Sd/- Executive Officer
Jagatsinghpur Municipality

OIPR-13087/11/0019/2425

ଭୁବନେଶ୍ୱର
୧୩ ମାର୍ଚ୍ଚ,
ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ପଳାଶୁଣିରେ ଗଙ୍ଗୁଆ ନାଳ ଉପରେ ହେବ ୬ ଲେନ୍ ରାସ୍ତା : ୫୦ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର, ୧୨।୦୩:ନ୍ୟୁଜ୍ ବ୍ୟୁରୋ**

ଦୂର ହେବାକୁ ଯାଉଛି ଭୁବନେଶ୍ୱର ପଳାଶୁଣିରେ ଦୀର୍ଘ ବର୍ଷର ଟ୍ରାଫିକ୍ ସମସ୍ୟା । ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ । ଦିଲ୍ଲୀ ଗସ୍ତରେ ଆସିଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ପଳାଶୁଣି ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜ୍‌ର ପ୍ରଶସ୍ତିକରଣ ତଥା ପଳାଶୁଣିରେ ଟ୍ରାଫିକ୍ ସମସ୍ୟାର ଦୂରିକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପକୁ ମୋହର ବାଜିଥିବା ନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ସାଂସଦ ।

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରମୁଖ ପ୍ରବେଶ ଦ୍ୱାର ହେଉଛି ପଳାଶୁଣି ଓ ରସୁଲଗଡ଼ । କଟକରୁ ଭୁବନେଶ୍ୱରକୁ ସଂଯୋଗର ପ୍ରମୁଖ ପ୍ରବେଶ ମଧ୍ୟ ପଳାଶୁଣି । ପ୍ରତିଦିନ ଏହି ରାସ୍ତାରେ ସକାଳେ ଓ ସନ୍ଧ୍ୟାରେ ପ୍ରବଳ ଟ୍ରାଫିକ୍ ସମସ୍ୟାର ସାମ୍ନା କରିଥାନ୍ତି ରାଜଧାନୀବାସୀ । ଏହାକୁ ଦୂର କରିବାକୁ ବିଭିନ୍ନ ସମୟରେ ଶତାଧିକ ଲୋକଙ୍କ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ତଥା ଗଙ୍ଗୁଆ ନାଳ ଉପର ବ୍ରିଜର ପ୍ରଶସ୍ତିକରଣ ନେଇ ଦାବି ହୋଇ ଆସୁଥିଲା । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଭୁବନେଶ୍ୱର ସାଂସଦଙ୍କ ପ୍ରସ୍ତାବ ଅନୁସାରେ ପଳାଶୁଣିରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ । ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ରହିଛି । ଏହା ଦେଇ ଯାଇଥିବା ଏନଏଚ ୧୬ର ଟ୍ରାଫିକ୍ ସମସ୍ୟାକୁ ଏହା ଦୂର କରିପାରୁନି । ତେଣୁ ଭୁବନେଶ୍ୱର ସାଂସଦଙ୍କ ଅନ୍ୟତମ ଡ୍ରିମ୍ ପ୍ରୋଜେକ୍ଟ ଭାବରେ ଏଠାରେ ଏକ ୬ ଥାକିଆ ଲେନ୍ ବିଶିଷ୍ଟ ରାସ୍ତା କରାଯିବ । ୪ ଥାକିଆ ରାସ୍ତାର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏଁ ଲେନ୍ ରାସ୍ତା ବାହାର କରାଯିବ । ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ଦୁଇଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବା ନେଇ ଭୁବନେଶ୍ୱର ସାଂସଦ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି ଭୁବନେଶ୍ୱର ସାଂସଦ ।



ଭୁବନେଶ୍ୱର : ୟୁନିଟ-୬ ରାଧାକୃଷ୍ଣ ମନ୍ଦିରରୁ ନଗର ପରିକ୍ରମାରେ ବାହାରିଥିବା ଠାକୁରଙ୍କ ଦୋଳ ବିମାନ । (ଫଟୋ : ସମ୍ବାଦ କଳିକା)

# ନାଲ୍‌କୋ ପକ୍ଷରୁ ଅଖିଳ ଭାରତୀୟ ଗ୍ରାହକ ସମ୍ମିଳନୀ-୨୦୨୫

**ଭୁବନେଶ୍ୱର, ୧୨।୦୩:ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରନ୍ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ 'ଟ୍ରାନ୍ସଫର୍ମିଙ୍ଗ ଆଲୁମିନିୟମ ଟୁଗେଦର - ଟୁଡେ, ଟୁମରୋ ଆଣ୍ଡ ବିୟଣ୍ଡ' ବିଷୟବସ୍ତୁ ଆଧାରିତ 'ଅଖିଳ ଭାରତୀୟ ଗ୍ରାହକ ସମ୍ମିଳନୀ-୨୦୨୫' ଆୟୋଜିତ ହୋଇଯାଇଛି ।




ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏବଂ ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଉପସ୍ଥିତ ରହିଥିଲେ । ପୂର୍ବତଟ ରେଳପଥର ପ୍ରିନ୍ସିପାଲ ଚିଫ୍ କମର୍ସିଆଲ ମ୍ୟାନେଜର ସଞ୍ଜୟ କୁମାର ମିଶ୍ର (ଆଇଆରଟିଏସ) କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଜ ଅଭିଭାଷଣରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ 'ବିକଶିତ ଭାରତ-୨୦୪୭' ସ୍ୱପ୍ନକୁ ସାକାର କରିବା ଦିଗରେ ଆଲୁମିନିୟମ ଧାତୁର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ନାଲ୍‌କୋର ସମସ୍ତ ବ୍ୟବସାୟିକ କାର୍ଯ୍ୟଶୈଳୀରେ ଗୁଣବତ୍ତା, ତ୍ୱରିତତା ଏବଂ କାର୍ଯ୍ୟରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପ୍ରତିବଦ୍ଧ ବୋଲି କହିଥିଲେ । ବ୍ୟବସାୟିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଉତ୍ପାଦ ସମ୍ବନ୍ଧୀୟ ଆବଶ୍ୟକତା ନିମନ୍ତେ ଯୋଗାଯୋଗ, ପରାମର୍ଶ ଓ ନିରନ୍ତର ମତ ବିନିମୟ ଉପରେ ଗୁରୁତ୍ୱାରୋପ କରିଥିଲେ । କମ୍ପାନୀର ଘରୋଇ ଏବଂ ଅନ୍ତର୍ଜାତୀୟ ଗ୍ରାହକଙ୍କ ଉତ୍ପାଦ ସମ୍ବନ୍ଧୀୟ ଆବଶ୍ୟକତା ଓ ସହଯୋଗ, ପାରସ୍ପରିକ ଆଲୋଚନା ଓ ମୂଲ୍ୟବାନ ମତାମତ ଆଧାରରେ ଆଲୁମିନା-ଆଲୁମିନିୟମର ବ୍ୟବସାୟିକ ଦୃଶ୍ୟପଟକୁ ଏକ ନୂତନ ରୂପ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା ।

ଏହି ଅବସରରେ ସିଆରୟୁ ଇଣ୍ଟରନ୍ୟାସନାଲ ସହଯୋଗରେ 'ଆଲୁମିନିୟମ୍ ଇଣ୍ଡଷ୍ଟ୍ରୀ ଆଉଟ୍ ଲୁକ୍' ବିଷୟ ଉପରେ ଏକ ବିଶ୍ଲେଷଣାତ୍ମକ ଅଧିବେଶନର ମଧ୍ୟ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ନିମନ୍ତେ ତଥା କମ୍ପାନୀ ସହ ଦୀର୍ଘ ସମୟ ଧରି ଯୋଡ଼ି ହୋଇଥିବା ସହଯୋଗୀମାନଙ୍କୁ ସେମାନଙ୍କର ନିରନ୍ତର ବିଶ୍ୱାସ ଏବଂ ଭରସା ପାଇଁ ସମ୍ମାନିତ କରାଯାଇଥିଲା ।



ଭୁବନେଶ୍ୱର : ବିଧାନସଭା ଭିତରକୁ ସାମ୍ବାଦିକମାନେ ମୋବାଇଲ୍ ନେବା କଟକଣା ବିରୋଧରେ ବିଧାନସଭା ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ସାମ୍ବାଦିକମାନଙ୍କ ପ୍ରତିବାଦ ଧାରଣା । (ଫଟୋ : ସମ୍ବାଦ କଳିକା)

# କିସ୍‌କୁ ବଦନାମ କରି ବନ୍ଦ କରିବା ଷଡ଼ଯନ୍ତ୍ର ବିରୋଧରେ ତାତିଲେ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧୨।୦୩:ନ୍ୟୁଜ୍ ବ୍ୟୁରୋ**

କିସ୍‌କୁ ବାରମ୍ବାର ବଦନାମ କରି ବନ୍ଦ କରିବା ପାଇଁ ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍ ଚଳାଇଥିବା ଷଡ଼ଯନ୍ତ୍ର ବିରୋଧରେ କିସ୍‌ର ପୁରାତନ, ବର୍ତ୍ତମାନର ଛାତ୍ରଛାତ୍ରୀ ସଂଘ ଆଗକୁ ଆସିଛନ୍ତି । ବୁଧବାର ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ରଛାତ୍ରୀମାନେ କହିଛନ୍ତି କିଟ୍ ବିଶ୍ୱବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣା ପ୍ରସଙ୍ଗ ଛାଡ଼ି ଏବେ ଏହି ଟିଭି ଚ୍ୟାନେଲ୍ କିସ୍ ପଛରେ ଲାଗିଛନ୍ତି । ଦୀର୍ଘ ୨୨ ଦିନ ଧରି ଏଭଳି ନକାରାତ୍ମକ ସମ୍ବାଦ ପରିବେଷଣକୁ ସମସ୍ତ ସଂଘ ବିରୋଧ କରିବା ସହ ଘୋର ନିନ୍ଦା କରିଛନ୍ତି । କୌଣସି କାରଣ ନଥାଇ, କିସ୍‌କୁ ଆକ୍ରମଣ କରିବା କେତେଦୂର ଯୁକ୍ତିଯୁକ୍ତ ? କିଟ୍ ହେଉଛି ଆମର ଭାତହାଣ୍ଡି, କିସ୍ ହେଉଛି ଆମର ହୃତ୍‌ପିଣ୍ଡ । ଦୁଇଟି ଟିଭି ଚ୍ୟାନେଲ୍ କିସ୍‌କୁ ବଦନାମ କରିଚାଲିଛନ୍ତି । କିସ୍ ଏବେ ଇଜି ଟାର୍ଗେଟ ହୋଇଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ୪୦ ହଜାର ଆଦିବାସୀ ଛାତ୍ରଛାତ୍ରୀ ଏଠାରୁ ପାଠ ପଢ଼ିସାରିଲେଣି, ଆଉ ୪୦ ହଜାର ଛାତ୍ରଛାତ୍ରୀ ଏବେ ପାଠ ପଢୁଛନ୍ତି । ଯେଉଁଭଳି ଭାବେ ନିର୍ଦ୍ଦିଷ୍ଟ ଦୁଇଟି ଟିଭି ଚ୍ୟାନେଲ୍ କିସ୍ ଓ ଏହାର ଛାତ୍ରଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ସେମାନେ କହିଛନ୍ତି ଦୀର୍ଘ ୩୩ବର୍ଷ ଧରି ସେମାନଙ୍କ ପିଲା କିସ୍‌ରେ ପାଠ ପଢୁଛନ୍ତି, ହେଲେ କୌଣସି ଛାତ୍ରଛାତ୍ରୀ କିମ୍ବା ଅଭିଭାବକ କିସ୍ ବିରୋଧରେ କିଛି ବି ଅଭିଯୋଗ ଆଣିନାହାନ୍ତି ।

ଯେଉଁମାନେ ସେମାନଙ୍କ ପିଲାଙ୍କୁ କେବେ କିଛି ବି ଦେଇ ନାହାନ୍ତି କିମ୍ବା ସେମାନଙ୍କ ଭଲ ମନ୍ଦରେ କଥା ପଦେ ବି କହିନାହାନ୍ତି, ସେମାନେ କାହିଁକି ଉପରେ ପଡ଼ି କିସ୍ କଥା ଭାବୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଏଭଳି ବଦନାମ କରି ଆଦିବାସୀମାନଙ୍କୁ ପୁଣି ଜଙ୍ଗଲକୁ ଫେରାଇ ଦିଆଯିବା ନିମନ୍ତେ ଷଡ଼ଯନ୍ତ୍ର ଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି ।

ବିଶେଷ କରି ନିର୍ଦ୍ଦିଷ୍ଟ ଏକ ଟିଭି ଚ୍ୟାନେଲ ଯେଉଁଭଳି ଢଙ୍ଗରେ କିସ୍ ପଛରେ ଲାଗିଛି, ଏଥିରୁ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହେବା ଏକ ପ୍ରକାର ନିଶ୍ଚିତ ହୋଇଛି ବୋଲି ସେମାନେ ଆଶଙ୍କା ପ୍ରକଟ କରିଛନ୍ତି । କିସ୍ ଘଟଣାକୁ ୨୨ ଦିନ ବିତି ଯାଇଥିଲେ ମଧ୍ୟ ମୂଳ ପ୍ରସଙ୍ଗରୁ ଦୂରେଇ ଏହି ଟିଭି ଚ୍ୟାନେଲ ଲଗାତାର କିସ୍ ଓ ଏହାର ପ୍ରତିଷ୍ଠାତାଙ୍କ ବିରୋଧରେ କପୋଳକଳ୍ପିତ, ମନଗଢ଼ା ଖବର ପ୍ରସାରଣ କରି ଏହାର ନକାରାତ୍ମକ ମନୋଭାବ ଓ ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି ବୋଲି ସେମାନେ କହିଛନ୍ତି । ଏହି ଚ୍ୟାନେଲ କିସ୍‌କୁ ବନ୍ଦ କରିଦେବାକୁ ବସିଛି, ଅଥଚ ଏହି ଚ୍ୟାନେଲକୁ ବିରୋଧ କରିବା କ'ଣ ଆଦିବାସୀଙ୍କ ଭୁଲ୍ ବୋଲି ସେମାନେ ପ୍ରଶ୍ନ କରିଛନ୍ତି ।

ଏହି ଚ୍ୟାନେଲ ଦ୍ୱାରା ଉଦ୍ଦେଶ୍ୟ ପ୍ରଣୋଦିତ ଖବର ପ୍ରସାରଣ ତା'ର କୁତ୍ସିତ ମନୋଭାବକୁ ପ୍ରତିପାଦିତ କରୁଛି । ଏଭଳି ହୀନ ଖବର ପ୍ରସାରଣ ବନ୍ଦ କରିବା ସହ ଏହାର ପ୍ରତିଷ୍ଠାତା ଓ ଏହି ଚ୍ୟାନେଲ ନିସର୍ତ୍ତ କ୍ଷମା ନ ମାଗନ୍ତି, ତେବେ ଖୁବ୍ ଶୀଘ୍ର ୪୦ ହଜାର କିସ୍ ପିଲା ଏହି ଚ୍ୟାନେଲ ଅଫିସ ଘୋରାଉ କରିବେ । ଏହା ସହ ଓଡ଼ିଶା ସମେତ ୧୫ଟି ରାଜ୍ୟରୁ କିସ୍‌ରେ ଥିବା ୮୦ ହଜାର ପିଲା ଓ ତାଙ୍କ ସହ ଜଡ଼ିତ ୮ଲକ୍ଷ ଆଦିବାସୀ ପରିବାର ୧୫ଟି ରାଜ୍ୟରେ ଏହି ଚ୍ୟାନେଲ ବିରୋଧରେ ଆନ୍ଦୋଳନ କରିବେ ବୋଲି କହିଛନ୍ତି ।

ଆଦିବାସୀମାନେ ଅତ୍ୟନ୍ତ ସରଳ ଓ ଶାନ୍ତ । ସେମାନଙ୍କୁ ମାନସିକ ନିର୍ଯାତନା ଦେଇ ଅଶାନ୍ତି ସୃଷ୍ଟି କଲେ ସେମାନେ ବାଧ୍ୟ ହୋଇ ସମସ୍ତ ଜିଲ୍ଲାରେ ବିକ୍ଷୋଭ ପ୍ରଦର୍ଶନ କରିବେ । ଆଇନର ଆଶ୍ରୟ ନେବା ସହ ଗଣମାଧ୍ୟମର ଆଶ୍ରୟ ନେବେ ବୋଲି ସେମାନେ ସୂଚନା ଦେଇଛନ୍ତି । ଏହା ସହ ଗରିବ ଆଦିବାସୀ ପିଲାମାନଙ୍କୁ ଶାନ୍ତିରେ ରହି ପାଠ ପଢ଼ିବାକୁ ସୁଯୋଗ ଦେବା ପାଇଁ ସେମାନେ ଅନୁରୋଧ କରିଛନ୍ତି । ଇତି ମଧ୍ୟରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାର ସମସ୍ତ ବିଧାୟକ ଓ ସାଂସଦ ମାନଙ୍କୁ ସେମାନଙ୍କ ଦୁଃଖ ଜଣାଇଛନ୍ତି । ଏହି ଅବସରରେ ସେମାନେ ସମସ୍ତ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇବା ସହ କିସ୍‌କୁ ବନ୍ଦ କରିବାକୁ ନେଇ ଏଭଳି ଷଡ଼ଯନ୍ତ୍ର ପରେ ସେମାନେ କିସ୍‌ରେ ରହିବେ ନା ପୁଣି ଜଙ୍ଗଲକୁ ଫେରିଯିବେ ବୋଲି ପ୍ରଶ୍ନ କରିଛନ୍ତି ।



ଭୁବନେଶ୍ୱର : ଓଡ଼ିଶା ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ବିଶିଷ୍ଟ ଉଦ୍ୟୋଗୀ ତଥା ସମାଜସେବୀ ଧର୍ମାଦିତ୍ୟ ପଟ୍ଟନାୟକ । (ଫଟୋ : ସମ୍ବାଦ କଳିକା)

# ୨୨ରେ ଦୁଇଦିନିଆ ଓଡ଼ିଶା ଆସିବେ ଅମିତ ଶାହା



**ଭୁବନେଶ୍ୱର, ୧୨।୦୩ ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଗସ୍ତରେ ଆସିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା । ଆସନ୍ତା ୨୨ରେ ସେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ ସରକାରୀ ପ୍ରକଳ୍ପର ଶିଳାନ୍ୟାସ କରିବେ ।

# ଓଡ଼ିଶାରେ ଅଛନ୍ତି ମୋଟ୍ ୭୧୦ ଡଲ୍‌ଫିନ୍

**ଭୁବନେଶ୍ୱର, ୧୨।୦୩:ନ୍ୟୁଜ୍ ବ୍ୟୁରୋ**

ଆସିଲା ଡଲ୍‌ଫିନ୍ ଗଣନା ରିପୋର୍ଟ । ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ରାଜ୍ୟରେ ଅଛନ୍ତି ମୋଟ୍ ୭୧୦ ଡଲ୍‌ଫିନ୍ । ସେଥିମଧ୍ୟରୁ ରାଜନଗର ଡିଭିଜନରେ ସର୍ବାଧିକ ୫୦୫ ଡଲ୍‌ଫିନ୍ ଥିବା ବେଳେ ଚିଲିକା ଡିଭିଜନରେ ୧୭୪, ବ୍ରହ୍ମପୁର ଡିଭିଜନରେ ୧୩, ପୁରୀ ଓ ବାଲେଶ୍ୱର ଡିଭିଜନରେ ୭ଟି ଲେଖାଏଁ ଓ ଭଦ୍ରକ ଡିଭିଜନରେ ଅଛନ୍ତି ୪ଟି ଡଲ୍‌ଫିନ୍ ।

ସେହିପରି ରାଜ୍ୟରେ ସର୍ବାଧିକ ୪୯୮ଟି ହମ୍ପବ୍ୟାକ ଡଲ୍‌ଫିନ୍ ଥିବା ବେଳେ ୧୮୮ଟି ଇରାୱାଡ଼ି ଡଲ୍‌ଫିନ୍, ୧୬ଟି ବଟଲ-ନୋଜ୍ ଡଲ୍‌ଫିନ୍ ଓ ୮ଟି ସ୍ପିନର ଡଲ୍‌ଫିନ୍ ଅଛନ୍ତି । ଚିଲିକାରେ ଥିବା ଡଲ୍‌ଫିନ୍‌କୁ ସାଧାରଣ ପର୍ଯ୍ୟଟକ ଦେଖିପାରୁଥିବା ବେଳେ ଗହୀରମଥା ଅଭୟାରଣ୍ୟରେ ଗଭୀର ସମୁଦ୍ରରେ ହମ୍ପବ୍ୟାକ୍ ଡଲ୍‌ଫିନ୍‌କୁ ସାଧାରଣ ଲୋକେ ଦେଖିବାର ସୁଯୋଗ ମିଳେ ନାହିଁ ବୋଲି ପିସିସିଏଫ କହିଛନ୍ତି ।



# ପିକଅପ୍-ବାଇକ୍ ଧକ୍କା : ୨ ବାଇକ୍ ଆରୋହୀ ମୃତ

**ବୌଦ୍ଧ, ୧୨।୦୩:ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ବଘିଆପଡ଼ା-ବୁଟୁପାଲି ରାସ୍ତାର ଭେଜିମାଳ ଗ୍ରାମ ନିକଟରେ ଏକ ଡାଲା ପିକ୍‌ଅପ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଛି । ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀ ମୃତ୍ୟୁବରଣ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଥାନା ନକୁଆନାଳି ଗ୍ରାମର ଲକି ସ୍ୱାଇଁ ଓ ଲକ୍ଷ୍ମୀପ୍ରସାଦ ଗ୍ରାମର ନିତ୍ୟାନନ୍ଦ ଜଟି ଏକ ବାଇକ୍ ଯୋଗେ ବଢ଼ିଗାଁ ଛକ ପଟରୁ ନକୁଆ ନାଳୀ ଆଡ଼କୁ ଯାଉଥିଲେ । ବଘିଆପଡ଼ା ପଟୁ ବୌଦ୍ଧ ଆଡ଼କୁ ଆସୁଥିବା ଏକ ଡାଲା ପିକଅପ୍ ସହ ଭେଜିମାଳ ଗ୍ରାମ ନିକଟରେ ବୁଧବାର ଅପରାହ୍ନରେ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ପରୀକ୍ଷା କରିବା ପରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବୌଦ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପିକ୍‌ଅପ୍ ଓ ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ବଜାରରେ ଉପଲବ୍ଧ...

'କଥାକଳିକା'ର ଜନ୍ମ ବିଶେଷାଙ୍କ ମାର୍ଚ୍ଚ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଚନ୍ଦ୍ରପ୍ରକାଶ ପାତ୍ର, ଭାଗିରଥୀ ବେହେରା, ସିଦ୍ଧେଶ୍ୱର ତ୍ରିପାଠୀ, ପ୍ରତାପ ବିଶ୍ୱାଳ, ରଞ୍ଜନ ପ୍ରଧାନ, ବିନୋଦ, ପ୍ରଭାତ ସିହ୍ନା, କମଳିନୀ ମଲ୍ଲିକ, ବିଜନବାଳା ପାଟ୍ଟଯୋଶୀ, ସତ୍ୟରଞ୍ଜନ ସାହୁ, ଲିପସା ପଟେଲ, ବିଦ୍ୟାଧର ଗୁରୁ, ମଧୁସୂଦନ ମିଶ୍ର, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ମନୋଜ କୁମାର ମହାନ୍ତି ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, ନଗେନ୍ଦ୍ର ପଟ୍ଟନାୟକ ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ରୀନାରାଣୀ ରାଉତରାୟ, ଅନୁକମ୍ପା ପହି, ସତୀଶ ବିଶ୍ୱାଳ, ସରୋଜ ସାହୁ, ମଧୁସ୍ମିତା ମିଶ୍ର, ମାଙ୍ଗଳିକା ମହାପାତ୍ର, ସ୍ରୋତସ୍ୱିନୀ ପରିଡା ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୧୬/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

